## ସଂକ୍ଷେପରେ

### ନାବାଳିକା ଅପହରଣ ମାମଲା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବୋରିଗୁମ୍ମା, ୫।୧୦(ଡି.ଏନ୍.ଏ.):** ବୋରିଗୁମ୍ମା ପୋଲିସ ନାବାଳିକା ଅପହରଣ ମାମଲାରେ ଶୁକ୍ରବାର ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କେନ୍ଦୁଗୁଡାର ସୁକାନ୍ତ ଜେନା(୪୦)। ସେ ଓ ନାବାଳିକା କାଜୁ ମିଲରେ କାମ କରୁଥିଲେ। ଗତ ୨୭ରେ ସୁକାନ୍ତ କାମ ପରେ ନାବାଳିକାଙ୍କୁ ଅପହରଣ କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ବୋରିଗୁମ୍ମା ଥାନାରେ ଏତଲା ଦେବାପରେ ପୋଲିସ ତଦନ୍ତ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲ। ଉଦ୍ଧାର ନାବାଳିକାଙ୍କୁ ଶିଶୁ ସେଲ୍‌କୁ ହସ୍ତାନ୍ତର କରଯାଇଛି।

### ଆର୍‌ଆଇଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ବୋରିଗୁମ୍ମା, ୫।୧୦(ଡି.ଏନ୍.ଏ.)- ବି.ସିଂହପୁର ଥାନା ବେଣାସୁର ରାଜସ୍ୱ ନିରିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ପୁଜାରୀଗୁଡାର କିଶୋର ଦଳପତି ଜମି ମାପ ପାଇଁ ବେଣାସୁର ଆର୍‌ଆଇ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆର୍‌ଆଇଙ୍କ ସହ ମତାନ୍ତର ହେବାରୁ କିଶୋର ଏକ ସ୍କ୍ରୁ ଡାଇଭର ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ।

### ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ଧୋଡ୍ରା, ୫।୧୦(ଡି.ଏନ୍.ଏ.):** ଝରିଗାଁ ବ୍ଲକ ଅଧୀନ ଚାଟିଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ପାଇଁ ସ୍ୱତନ୍ତ୍ର ବୁଥ୍‌ଲେବଲ କ୍ୟାମ୍ପ ଅନୁଷ୍ଠିତ ହୋଇଛି। ଚାଟିଗୁଡା ପଞ୍ଚାୟତରେ ସମୁଦାୟ ପଚାଶ ଜଣ ଦିବ୍ୟାଙ୍ଗ ରହିଥିବା ବେଳେ ମାତ୍ର ୪ଜଣଙ୍କୁ ଭୋଟର ତାଲିକାରେ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ୧୮ ବର୍ଷରୁ କମ୍ ବୋଲି ନୋଡାଲ୍ ଅଫିସର ବିନୋଦ କୁମାର ବେହେରା ସୂଚନା ଦେଇଛନ୍ତି। ବୁଥ୍ ଲେବଲ ଅଫିସରଭାବେ ଅବିନାଶ ବିଶ୍ୱାସ, ଚକ୍ରଧର ଅମାନତ୍ୟ, ପୁରୁଷୋତ୍ତମ ପୂଜାରୀ, ହୃଷିକେଶ ଡଙ୍ଗ୍ରି ଓ ତୁଳସୀ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ତେନ୍ତୁଳିଖୁଣ୍ଟି, ୫।୧୦(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଅଧୀନ ସମସ୍ତ ଖଣ୍ଡାୟତ ପାଇକ ସମାଜ ପଲ୍ଲୀ ସଭାପତି, ଉପସଭାପତି ଓ ସମ୍ପାଦକଙ୍କୁ ନେଇ ତେନ୍ତୁଳିଖୁଣ୍ଟି ବ୍ଲକ ଗୋଡଗୁଡାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଛି। ନବମୀ ପୂଜା ଦିନ ପ୍ରତ୍ୟେକ ପଲ୍ଲୀରୁ ୧୦ଜଣ ଖଣ୍ଡା ଓ ଲାଠିଧାରୀ ନଗର ପରିକ୍ରମା କରିବା ପାଇଁ ଘୁମିଦୋରାରେ ଉପସ୍ଥିତ ରହିବେ ବୋଲି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମକୁ ଅନୁର୍ଜ୍ୟ ପରିଚ୍ଛା, ଯୋଗେଶ୍ୱର ପ୍ରଧାନୀ, ଘେନୁଆ ପାଇକ, ତ୍ରିନାଥ ଦଳପତି ଉପସ୍ଥିତ ଥିଲେ।

### ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା

କାଶୀପୁର,୫।୧୦(ଡ଼ି.ଏନ.ଏ)-ରାୟଗଡା ଜିଲା କାଶୀପୁର ବ୍ଲକ ସଭାଗୃହରେ ବ୍ଲକ ଅଧକ୍ଷା ରୁଆଇ ମାଝିଙ୍କ ଅଧକ୍ଷତାରେ ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାଶୀପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ କିପରି ଉନ୍ନତିମୂଳକ କାର୍ଯ୍ୟ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ କାଶୀପୁର ବିଡିଓ ବେଦବର ପ୍ରଧାନ,ଏବିଡିଓ ବଳରାମ ପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

### କାର୍-ବାଇକ୍ ଧକ୍କା, ଜଣେ ଆହତ

**ନନ୍ଦପୁର, ୫।୧୦(ଡି.ଏନ୍.ଏ.):** କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ତାଇଣ୍ଡର ଛକରେ ଶୁକ୍ରବାର ଅପରାହ୍ନରେ ଏକ କାର ଏବଂ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକ ଆହତ ହୋଇଛନ୍ତି। ପ୍ରକାଶ ଯେ, ଏକ କାର୍(ଏପି-୩୫ଏଇ-୨୪୦୮) ପାଡୁଆ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ହିରୋହୋଣ୍ଡା ବାଇକ୍‌କୁ ଧକ୍କା ଦେଇଥିଲେ। ଏଥିରେ ବାଇକ୍ ଚାଳକ ଆହତ ହୋଇଥିଲେ। ପାଡୁଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି। ପ୍ରାଥମିକ ଚିକିତ୍ସାପରେ ବାଇକ ଚାଳକ ସୁସ୍ଥ ଥିବା ଥାନାଧିକାରୀ ଗୁରୁଦେବ କର୍ମୀ କହିଛନ୍ତି।

■ ବିଲ୍ଟ ପେପର ମିଲ୍ ଖୋଲିବା ପ୍ରସଙ୍ଗ

# ତାଗିଦ କଲେ ଜିଲାପାଳ: ଝୁଲିଲା ନିଷ୍ପତ୍ତି

**ଜୟପୁର,୫।୧୦(ନି.ପ୍ର./ଡି.ଏନ୍.ଏ.)**


ବୈଠକରେ ଜିଲାପାଳ, ବିଧାୟକ, ପୂର୍ବତନ ମନ୍ତ୍ରୀ ଓ ଅନ୍ୟମାନେ।

ଜୟପୁର ବିଲ୍ଟ ପେପର ମିଲ ଦୀର୍ଘ ୪ ମାସ ହେବ ବନ୍ଦ ହୋଇ ପଡ଼ିଛି। ମିଲର ୩ଟି ସଂଘ ଗତ ସୋମବାର ଅନ୍ୟ ସଂଘ ଓ ପରିଚାଳନା କର୍ତ୍ତୃପକ୍ଷଙ୍କୁ ନେଇ ଆଲୋଚନା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଆହ୍ୱାନ କ୍ରମେ ଶୁକ୍ରବାର ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ୪ଟି ସଂଘର ସଦସ୍ୟ, ବିଲ୍ଟ କର୍ତ୍ତୃପକ୍ଷ ଓ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କୁ ନେଇ ଏକ ରୁଦ୍ଧ ଦ୍ୱାରା ବୈଠକ ହୋଇଛି।

ବୈଠକରେ ତୃତୀୟ କର୍ମଚାରୀ ସଂଘ ତରନ୍ତୁ ନିର୍ବାଚନ କରିବା ଏବଂ ୧୭ ଜଣ କର୍ମଚାରୀଙ୍କ ଉପରଚ ନିଲମ୍ବନ ଉଠାଇବା ଦାବି କରିଥିଲା। ତେବେ କାରାଖାନାରେ ତାଲା ନ ଖୋଲିବା ପୂର୍ବରୁ ନିର୍ବାଚନ ଅସମ୍ଭବ ବୋଲି ଦର୍ଶାଇଥିଲେ କାଗଜକଳ କର୍ତ୍ତୃପକ୍ଷ। ଏନେଇ ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ, ମିଲ୍ ବନ୍ଦ ହେବା ଦ୍ୱାରା ଜୟପୁର ସହରର ବେପାର ଉପରେ ପ୍ରଭାବ ପଡ଼ିଛି। ଏହି ମିଲ ପ୍ରତି ଲୋକଙ୍କ ଆସ୍ଥା ସହ ଜୀବନ ଜୀବିକା ଜଡ଼ିତ ରହିଛି। ସମସ୍ତେ ନଜ ଜିଦ୍‌ରେ ଅଟଳ ନରହି ଶାନ୍ତି ଶୃଙ୍ଖଳାରେ ମିଲ ଚାଲିବାକୁ ସହଯୋଗ କରନ୍ତୁ। ବିଏମଏସ ସଂଘକୁ ମଧ୍ୟ ଲିଖିତ ଭାବେ ଦେବା ପାଇଁ ଜିଲାପାଳ କହିଥିଲେ। କିନ୍ତୁ ସଂଘ ବର୍ତ୍ତମାନ ଲିଖିତ ଭାବେ ଦେବାକୁ ମନାକରି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲା। ସଂପୃକ୍ତ ସଂଘ ସାଧାରଣ ସଂପାଦକ ବିଦ୍ୟାଧର ଜେନାମଣିଙ୍କୁ ବିଧାୟକ ବାହିନୀପତି ଓ ପୂର୍ବତନ ମନ୍ତ୍ରୀ ନନ୍ଦ ବୁଝାସୁଝା କରିବା ପରେ କର୍ତ୍ତୃପକ୍ଷ ୬ ସୂତ୍ରୀ ସର୍ତ୍ତକୁ ସ୍ୱୀକୃତପ୍ରାପ୍ତ ଅନ୍ୟ ୩ଟି କର୍ମଚାରୀ ସଂଘ ସହମତି ସହିତ ସ୍ୱାକ୍ଷର କରିଛନ୍ତି। କର୍ତ୍ତୃପକ୍ଷ ଦେଇଥିବା ଚୁକ୍ତିନାମା କାଗଜରେ ଦସ୍ତଖତ ନକରି ସାଥୀରେ ନେଇଛନ୍ତି ବିଏମଏସ ସମର୍ଥିତ କର୍ମଚାରୀ ସଂଘ କର୍ମକର୍ତ୍ତା। ସଂଘ ସଦସ୍ୟଙ୍କ ସହ ଆଲୋଚନା ପରେ ସ୍ୱାକ୍ଷର କରିବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱାକ୍ଷର ପରେ ଏହାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଯିବ ଏବଂ ସୋମବାର ସୁଦ୍ଧା କାରଖାନାରୁ ତାଲା ଖୋଲିବାର ବ୍ୟବସ୍ଥା କରାଯିବ। ବର୍ତ୍ତମାନ ତୃତୀୟ ସଂଘର କର୍ମକର୍ତ୍ତାଙ୍କ ନିଷ୍ପତ୍ତି ଉପରେ ସବୁ ନିର୍ଭର କରୁଛି। ବୈଠକରେ କାଗଜକଳ ସ୍ଥାନୀୟ ସିଜିଏମ ମଣିକେଶ୍ୱର ରାଓ, ଡିଜିଏମ କେଶବ ରେଡ୍ଡୀ, ମ୍ୟାନେଜର, ଶକ୍ତି ମିଶ୍ର, ସହକାରୀ ମ୍ୟାନେଜର କୃଷ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷର ୩ଟି ସଂଘକୁ ନେଇ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟିର ଏନ. ସୁରେଶ କୁମାର, ପ୍ରମୋଦ ମହାନ୍ତି, କେ. ରବିକୁମାର, ଜୟନ୍ତ ସାମନ୍ତରାୟ, ସରୋଜ ସୁଆର ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିର୍ଲଜୀ ଲାଉ !**
**ଟେକି ଟାକି ଦେଲେ ଚାଳକୁ ଯାଉ**
**ଡଙ୍କମୋଡ଼ି ପଲ୍ଲବୀ ଥାଉ ।**

ଲାଉ ଡଙ୍କକୁ ସାଧାରଣତଃ ପିଡ଼ା ବା ଚାଳ ଉପରକୁ ଯେତେ ଟେକାଯାଏ ସେ ସେତେ ସତେଜ ହୋଇ ବଢ଼ିଥାଏ। ପରୋକ୍ଷରେ ଯେଉଁ ଲୋକର ମୁହଁକୁ ଲାଜ କି ସରମ ନ ଥାଏ ତାକୁ ଟିକେ ଟେକିଟାକି କରି କହିଦେଲେ ସେ ତାହାକୁ ସତମଣି ଫୁଲି ଉଠୁଥିବାର ଲକ୍ଷ୍ୟ କରାଯାଇଥାଏ। ଅଲାଜୁକ ବା ଲାଜ ସରମ ନ ଥିବା ମହିଳାଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନେବା ଲୋକ ଦେଇ ଜାଣେ ନାହିଁ,**
**ଦେବା ଲୋକ ନେଇ ଜାଣେ ନାହିଁ ।**

ନେବାଠାରୁ ଦେବାରେ ଅଧିକ ଆନନ୍ଦ ଓ ତୃପ୍ତି ମିଳିଥାଏ। କଥାରେ ଅଛି ନେବା ବା ମାଗିବାଠାରୁ ହୀନ ନାହିଁ କି ଦେବାଠାରୁ ପୁଣ୍ୟ ନାହିଁ। ସାଧାରଣତଃ ଯିଏ ସଦାବେଳେ ଅନ୍ୟଠୁ ନେଇ ଚାଲିଥାଏ ବା ଯାହାର ନବାର ପ୍ରକୃତି ଥାଏ ସିଏ କେବେ କାହାରିକୁ କିଛି ଦେବାକୁ ଭଲ ପାଇ ନ ଥାଏ। ସେହିପରି ଯିଏ ସବୁବେଳେ ଅନ୍ୟକୁ ଦେଇଚାଲିଥାଏ ସିଏ କାହାଠାରୁ ନେବାକୁ ପସନ୍ଦ କରି ନ ଥାଏ। ନେବା ଓ ଦେବା ଲୋକଙ୍କ ମଧ୍ୟରେ ରହିଥିବା ପ୍ରକୃତିଗତ ଅସାମଞ୍ଜସ୍ୟତା ବା ପ୍ରଭେଦତାକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଗାନ୍ଧୀ ଜୟନ୍ତୀର ୧୫୦ ବର୍ଷ ପୂର୍ତ୍ତି

# ମଣ୍ଡଳ କାରାଗାରରୁ ୨ ଅନ୍ତେବାସୀ ଖଲାସ

**କୋରାପୁଟ,୫।୧୦(ସ୍ୱ.ପ୍ର.)**


କାରାଗାରରୁ ଖଲାସ ହେଉଛନ୍ତି ଦୁଇ ଅନ୍ତେବାସୀ।

ମହାତ୍ମା ଗାନ୍ଧିଙ୍କ ଜୟନ୍ତୀର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସମ୍ବିଧାନର ୧୬୧ ଧାରା ଅନୁଯାୟୀ ଶୁକ୍ରବାର ରାଜ୍ୟର ବିଭିନ୍ନ ଜେଲରେ ସଜା କଟାଉଥିବା ୧୭ ଜଣ ଅନ୍ତେବାସୀଙ୍କୁ ଖଲାସ କରାଯାଇଛି। ଏହି କ୍ରମରେ କୋରାପୁଟ ମଣ୍ଡଳ କାରାଗାରର ୨ ଜଣ ଅନ୍ତେବାସୀ ଖଲାସ ହୋଇଛନ୍ତି। ସେମାନେ ହେଲେ ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ବ୍ଲକର ଅଲେଖ ମିଶ୍ର ଏବଂ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମର ଘାସି ଅମାନତ୍ୟ। ଶୁକ୍ରବାର ପୂର୍ବାହ୍ନରେ କୋରାପୁଟ ମଣ୍ଡଳ କାରାଗାରର ଅଧୀକ୍ଷକ ବ୍ରହ୍ମାନନ୍ଦ ସାହୁଙ୍କ ଉପସ୍ଥିତିରେ ଏହି ଦୁଇ ଅନ୍ତେବାସୀଙ୍କୁ ଖଲାସ କରାଯାଇଛି। ଅଲେଖ ଅଶ୍ଲୀଳ ସଙ୍ଗୀତ ଗାଇବା ନେଇ ୮ ଜୁଲାଇ ୨୦୧୬ରୁ ସଜା ଭୋଗି ଆସୁଥିବାବେଳେ ୭ ଜୁଲାଇ ୨୦୧୯ରେ ସେ ଖଲାସ ହେବାର ଥିଲା। ସେହିପରି ଘାସି ଏକ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଧାରା ୩୨୪ରେ ୯ ଜୁନ୍ ୨୦୧୭ରୁ ସଜା କାଟିଆସୁଥିଲେ। ୧୭ ଜାନୁୟାରୀ ୨୦୧୯ରେ ତାଙ୍କର ଖଲାସ ହେବାର ଥିଲା। ସମ୍ବିଧାନର ୧୬୧ ଧାରା ଅନୁଯାୟୀ ୬୬ ପ୍ରତିଶତ ସଜା ଭୋଗିସାରିଥିବା ଏହି ଦୁଇ ଜଣଙ୍କୁ ଶୁକ୍ରବାର ଖଲାସ କରାଯାଇଛି।

## ପବ୍ଲିକ ସ୍କୁଲ ଭବନ ମାମଲା ରିପୋର୍ଟ ଦେଲା ସିଡବ୍ଲ୍ୟୁସି

**ଜୟପୁର,୫।୧୦(ଡି.ଏନ୍.ଏ.)**

କୋରାପୁଟ ଜିଲା ଶିଶୁ ମଙ୍ଗଳ କମିଟି ଗତ ସେପ୍ଟେମ୍ବର୨୨ରେ ଜୟପୁର ସୂର୍ଯ୍ୟମହଲ ସ୍ଥିତ ପବ୍ଲିକ ସ୍କୁଲ ଭବନର ସୁରକ୍ଷା ପ୍ରସଙ୍ଗରେ ତଦନ୍ତ କରିବା ପରେ ଶୁକ୍ରବାର ରିପୋର୍ଟ ଦେଇଛନ୍ତି। ରାଜ୍ୟ ଓ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ, ଜାତୀୟ ଆଇସିଏସସି ପାଠ୍ୟକ୍ରମ କର୍ତ୍ତୃପକ୍ଷ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏଲିମେଣ୍ଟ୍ରି ଶିକ୍ଷା, ଜିଲାପାଳ ଏବଂ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଏହି ରିପୋର୍ଟ ଦିଆଯାଇଛି। କିନ୍ତୁ ରିପୋର୍ଟରେ କ'ଣ ଉଲ୍ଲେଖ ରହିଛି, କମିଟି ଅଧ୍ୟକ୍ଷା ଜି. ଗାୟତ୍ରୀ ଦେବୀ ତାହା ସାର୍ବଜନୀନ କରିନାହାନ୍ତି। ଗତ ଅଗଷ୍ଟରେ ବିଦ୍ୟାଳୟର ପୁରୁଣା ଭବନର ଏକ ଟିଣଛପର ଏବଂ କାନ୍ଥ ଭାଙ୍ଗିଯାଇଥିଲା। କିନ୍ତୁ ବିଦ୍ୟାଳୟ ଛୁଟି ହୋଇଥିବା ଯୋଗୁଁ କୌଣସି ଅଘଟଣ ଘଟିନଥିଲା।

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ

# କ୍ଷେତ୍ର ଛାନ୍‌ଭିନ୍ କଲା ଭିଜିଲାନ୍ସ ଟିମ୍

**ବୋରିଗୁମ୍ମା,୫।୧୦(ଡି.ଏନ୍.ଏ.)**

କୋରାପୁଟ ଜିଲା ବୋରିଗୁମ୍ମା ଅନ୍ତର୍ଗତ ମୁଞ୍ଜା ପଞ୍ଚାୟତରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମହାଦୁର୍ନୀତି ଚାଲିଥିବା ଅଭିଯୋଗ ହୋଇଥିଲା। ଶୁକ୍ରବାର ଜୟପୁର ଭିଜିଲାନ୍ସର ଏକ ଟିମ୍ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ଏହାପରେ ବ୍ଲକ ପ୍ରଶାସନ ମଧ୍ୟରେ ଛନକା ପଶିଛି। ଯନ୍ତ୍ରୀଙ୍କଠାରୁ ଅଧିକାରୀ ସମସ୍ତେ ଉଭାନ।

ସୂଚନା ଅନୁଯାୟୀ, ମୁଞ୍ଜା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩ଟି କୂପ ଓ ଗୋଟିଏ ରାସ୍ତାକାମରେ ଅନିୟମିତା ନେଇ ଭିଜିଲାନ୍ସ ପାଖରେ ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜୟପୁର ଭିଜିଲାନ୍ସ ଡିଏସ୍‌ପି ହେନେରି କୁଲୁଙ୍କ ନେତୃତ୍ୱରେ ଏକ ଟିମ୍ ମୁଞ୍ଜା ପଞ୍ଚାୟତରେ ପହଞ୍ଚିଥିଲେ। ଅଭିଯୋଗ ନେଇ ତଦନ୍ତ ଚାଲିଥିବା ବେଳେ ଏବେ କୌଣସି ପ୍ରତିକ୍ରିୟା ଦେଇହେବ ନାହିଁ ବୋଲି ସେ କହିଥିଲେ। ଚେକ୍‌ଡ୍ୟାମ୍‌ରେ ୩ ଲକ୍ଷ ୭୯ ହଜାର, ଶଶ୍ମାନ ରାସ୍ତା ୩ ଲକ୍ଷ ୬୪ ହଜାର ସହ ୩ଟି ମହାକୂପରେ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଘଟଣା ନେଇ ବିଡିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।

■ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# ଭାଗନେବେ ୩୪୪ ପ୍ରତିଯୋଗୀ


ହାଇଜମ୍ପ କ୍ରୀଡ଼ା ଚାଲିଛି।

**ସେମିଳିଗୁଡ଼ା,୫।୧୦(ସ୍ୱ.ପ୍ର.)**

ସେମିଳିଗୁଡ଼ା ବ୍ଲକ୍ କୁନ୍ଦୁଲି ପଞ୍ଚାୟତ ପୁଙ୍ଗାର ଗ୍ରାମସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହା ତିନି ଦିନ ଧରି ଚାଲିବ। ଏହାକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ନାୟକ ଉଦ୍‌ଘାଟନ କରି ଜାତୀୟସ୍ତରରେ ଓଡ଼ିଶାର ଟେକ ରଖିବାକୁ ଖେଳାଳିଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ ଆୟୋଜକ ବିଦ୍ୟାଳୟ ଅଧକ୍ଷ ଗୋଲକ ଚନ୍ଦ୍ର ମଲ୍ଲିକ ଅଧକ୍ଷତା କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ୧୩ଟି ଏକଲବ୍ୟ ସ୍କୁଲରୁ ୩୪୪ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। କୃତୀ ଖେଳାଳିମାନେ ନଭେମ୍ବରରେ ହାଇଦ୍ରାବାଦରେ ହେବାକୁ ଥିବା ସର୍ବଭାରତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଭିନ୍ନ କାଟାଗୋରୀରେ ଦୌଡ଼, ଡିସ୍‌କସ୍ ଥ୍ରୋ, ଶଟ୍‌ପୁଟ୍, ହାଇଜମ୍ପ, ଲଙ୍ଗଜମ୍ପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଇଂରାଜୀ ଅଧାପକ ପ୍ରଣବ କିଶୋର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେଡିରେ ଯୋଗ ଦେଲେ ୨୩ କର୍ମୀ

**କୋରାପୁଟ,୫।୧୦(ସ୍ୱ.ପ୍ର.)**

କୋଟପାଡ଼ ବ୍ଲକ ଭାଜପାର ୨୩ କର୍ମକର୍ତ୍ତା ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଆଲିଶାନ ହୋଟେଲରେ ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ ୨୩ କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଥିଲେ। ଏହା ଦ୍ୱାରା କୋଟପାଡରେ ଦଳ ଅଧିକ ମଜଭୁତ ହେବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ଉପସଭାପତି ତ୍ରିପୁରାରୀ ଗରଡା, କ୍ରିଟ୍ ଅଧକ୍ଷ ଅଶୋକ ପାଙ୍ଗି, ଶିବ ପଟ୍ଟନାୟକ, ଭାଗିରଥି ପାଟନିଆ, ଉତ୍କଳ ରଞ୍ଜନ ନାୟକ, ରଘୁରାମ ମାଛ, ଅଶ୍ୱିନୀ ସାହୁ ଉପସ୍ଥିତ ଥିଲେ।

■ ନାଲ୍‌କୋ ପାରିପାର୍ଶ୍ୱିକ ସୁରକ୍ଷା ସମିତିର ସର୍ବଦଳୀୟ ବୈଠକ

# ଆଇଟିଆଇକୁ ଦକ୍ଷତା ବିକାଶ କେନ୍ଦ୍ରରେ ପରିବର୍ତ୍ତନ ପ୍ରୟାସକୁ ବିରୋଧ

**ଦାମନଯୋଡ଼ି,୫।୧୦(ଡି.ଏନ୍.ଏ.)**

ଦାମନଯୋଡ଼ି ନାଲକୋ ପାରିପାର୍ଶ୍ୱିକ ସୁରକ୍ଷା ସମିତି କାର୍ଯ୍ୟାଳୟରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମରିଚିମାଳ ନିକଟରେ ନାଲକୋ ପକ୍ଷରୁ ନିର୍ମାଣାଧୀନ ଆଇଟିଆଇ ସେଣ୍ଟରକୁ ସ୍କିଲ ଡେଭେଲପମେଣ୍ଟ ସେଣ୍ଟର(ଦକ୍ଷତା ବିକାଶ କେନ୍ଦ୍ର) ଭାବେ ପରିବର୍ତ୍ତନ କରିବାକୁ ନାଲ୍‌କୋ ଚେଷ୍ଟା କରୁଥିବାରୁ ଏହାକୁ ବୈଠକରେ ବିରୋଧ କରାଯାଇଛି। ଯଦି ସେଠାରେ ଆଇଟିଆଇ ପରିବର୍ତ୍ତେ ସ୍କିଲ୍ ଡେଭେଲପମେଣ୍ଟ କରାଯାଏ, ତେବେ ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିବ ନାହିଁ କି ଆଇଟିଆଇ ଯୁବତୀ ଯୁବକଙ୍କ ପ୍ରଶିକ୍ଷଣ ସ୍ୱପ୍ନ ଅଧୁରା ରହିଯିବ ବୋଲି ଅଭିଯୋଗ ହୋଇଛି। ଉକ୍ତ ସର୍ବଦଳୀୟ ବୈଠକରେ ପାରିପାର୍ଶ୍ୱିକ ସୁରକ୍ଷା ସମିତି ସଭାପତି ମିହିର କୁଲଦୀପ, ସମ୍ପାଦକ ଦାମୋଦର ଜାନି, କ୍ଷୀରୋଦ ଚୌଧୁରୀ, ଜଗବନ୍ଧୁ ଖିଲ, ସଦା ନାୟକ, କୋରାପୁଟ ବ୍ଲକ୍ ଉପାଧ୍ୟକ୍ଷ ମୁରଲି ଖୋରା ପ୍ରମୁଖ ଉପସ୍ଥିତ ଥିଲେ। ଯଦି ନାଲ୍‌କୋ ଏଠାରେ ଆଇଟିଆଇ କେନ୍ଦ୍ର ପରିବର୍ତ୍ତେ ସ୍କିଲ ଡେଭଲପମେଣ୍ଟ କେନ୍ଦ୍ର କରେ, ତେବେ ସ୍ଥାନୀୟ ଶିକ୍ଷିତ ଯୁବତୀ ଯୁବକ, ବୁଦ୍ଧିଜୀବୀଙ୍କୁ ନେଇ ଏକ ବଡ଼ ଧରଣର ଜନ ଆନ୍ଦୋଳନ ହେବ ବୋଲି ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ନାଲ୍‌କୋ ମହାପ୍ରବନ୍ଧକ ରାଜୀବ ମିଶ୍ରଙ୍କୁ ପଚରାଯିବାରୁ ସେ କହିଲେ, ନାଲ୍‌କୋ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହାକୁ ସ୍କିଲ୍‌ଡେଭେଲପମେଣ୍ଟ କେନ୍ଦ୍ର କରାଯିବାକୁ ସ୍ଥିର କରାଯାଇଛି। ଆଇଟିଆଇ ଏବଂ ଡିପ୍ଲୋମା ପିଲାମାନଙ୍କୁ ଟ୍ରେନିଂ ଦିଆଯାଇ ସେମାନଙ୍କ ଦକ୍ଷତାକୁ ପୁଣି ବିକଶିତ କରାଯିବ। ଏହାଦ୍ୱାରା ସେମାନେ ନିଯୁକ୍ତି ପାଇବାକୁ ଯୋଗ୍ୟ ହୋଇପାରିବେ ବୋଲି ରାଜୀବ କହିଛନ୍ତି।

■ ବଡ଼ବାର୍ଲୀ ବିଦ୍ୟାଳୟରେ ଗ୍ରାମବାସୀ ତାଲା ଠୁଙ୍କିବା ଘଟଣା

# ତୃତୀୟ ଦିନରେ ବି ଖୋଲିଲାନି ସ୍କୁଲ

**ପାପଡାହାଣ୍ଡି, ୫।୧୦(ଡି.ଏନ୍.ଏ.)**

■ କନିଷ୍ଠଯନ୍ତ୍ରୀ, ଗ୍ରାମବାସୀଙ୍କ ଆଲୋଚନା ବିଫଳ

■ ମିଳିଲାନି ମଧାହ୍ନ ଭୋଜନ, ବିସ୍କୁଟ ଖାଇଲେ ଛାତ୍ରୀଛାତ୍ର

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସାନବାର୍ଲୀ ପଞ୍ଚାୟତ ବଡବାର୍ଲୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ନିର୍ମାଣ ସହ ବିଭିନ୍ନ ଅବ୍ୟବସ୍ଥା ପ୍ରତିବାଦରେ ଗ୍ରାମବାସୀ ବୁଧବାରରୁ ସ୍କୁଲରେ ତାଲା ପକାଇଛନ୍ତି। ଶୁକ୍ରବାର କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଶ୍ରେଣୀଗୃହ ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେ କହିଛନ୍ତି। କିନ୍ତୁ ଗୃହ ନିର୍ମାଣ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ସ୍କୁଲ ଗେଟ୍‌ରୁ ତାଲା ଖୋଲିବେ ନାହିଁ ବୋଲି ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ସ୍କୁଲରେ ତାଲା ପଡିଥିବା ଯୋଗୁ ମଧାହ୍ନ ଭୋଜନ ରୋଷେଇ ହୋଇପାରୁ ନାହିଁ। ଶିକ୍ଷକମାନେ ନିଜ ଖର୍ଚ୍ଚରେ ପିଲାଙ୍କୁ ବିସ୍କୁଟ ଖାଇବାକୁ ଦେଉଛନ୍ତି। ଶ୍ରେଣୀଗୃହରେ ତାଲା ପଡିଥିବାରୁ ଛାତ୍ରୀଛାତ୍ର ମାନେ ଗଛ ତଳେ ବସି ପାଠ ପଢୁଛନ୍ତି।

## ବରିଷ୍ଠ ନାଗରିକ ସଚେତନତା ଶିବିର

**ନବରଙ୍ଗପୁର,୫।୧୦(ବି.ପ୍ର.)**

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା କୋର୍ଟ ପରିସର ଠାରେ ବରିଷ୍ଠ ନାଗରିକ ସଚେତନତା ଶିବର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା ଜଜ୍ ରାଜେନ୍ଦ୍ର ପାଣିଗ୍ରାହୀ ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଙ୍କରେ ସ୍ୱତନ୍ତ୍ର ସେଲ କରାଯିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥି ଭାବେ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର ମହାପାତ୍ର, ରେଜିଷ୍ଟ୍ରାର ମନରଞ୍ଜନ ଦାଶ, ବରିଷ୍ଠ ଦେୱାନୀ ଜଜ୍ ଚୌଧୁରୀ ପ୍ରବୀର କୁମାର, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ପ୍ରଶନ୍ନ ବେହେରା, ଉପଖଣ୍ଡ ବିଭାଗୀୟ ଦଣ୍ଡାଧିକାରୀ ଅମରେଶ ମହାପାତ୍ର, ପ୍ରଥମଶ୍ରେଣୀ ବିଚାର ବିଚାର ବିଭାଗୀୟ ଦଣ୍ଡାଧିକାରୀ ଗୁରୁଚରଣ ଜେନାମଣି, ଦ୍ୱିତୀୟ ଶ୍ରେଣୀ ବିଚାର ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୋମ୍ୟରଞ୍ଜନ ନାୟକ, ଜିଲା ଆଇନଜୀବୀ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ ଯୋଗ ଦେଇଥିଲେ। ଡାକ୍ତର ଶଙ୍କରଲାଲ ଜୈନ, ବରିଷ୍ଠ ନାଗରିକ ସଂଘ ସଭାପତି ରାଧାନାଥ ବେହେରା, ସମ୍ପାଦକ ରାମମୂର୍ତ୍ତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆୟୁଷ୍ମାନ ଆହ୍ୱାନ ଦେଲେ ଲେଖାଶ୍ରୀ

**ନବରଙ୍ଗପୁର/ଡାବୁଗାଁ/ଉମରକୋଟ, ୫।୧୦ (ବି.ପ୍ର./ଡି.ଏନ୍.ଏ.)**


ଡାବୁଗାଁରେ କର୍ମୀଙ୍କୁ ସମ୍ବୋଧିତ କରୁଛନ୍ତି ଭାଜପା ରାଜ୍ୟ ସମ୍ପାଦିକା।

ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ବିରୋଧରେ ଭାଜପା ପକ୍ଷରୁ ୪ଦିନ ଧରି ଧାରଣା ଚାଲିଛି। ଶୁକ୍ରବାର ଉକ୍ତ ଧାରଣାସ୍ଥଳକୁ ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପହଞ୍ଚି କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରୁ ନହାନ୍ତି ବୋଲି ସେ କହିଛନ୍ତି। ଏହି ସମୟରେ ଜିଲା ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କୁଞ୍ଜବିହାରୀ ଦାଶ, ସୁବ୍ରତ ମିଶ୍ର, ଯୁବମୋର୍ଚ୍ଚା ସଭାପତି କାହ୍ନୁ ଦାଶ, ଜିଲା ସଭାନେତ୍ରୀ ଶର୍ମିଷ୍ଠା ଦେଓ, କିଶୋରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିଭଳି ଡାବୁଗାଁକୁ ମଧ୍ୟ ଯାଇ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା ସପକ୍ଷରେ କହିଛନ୍ତି। ଜିଲା ଭାଜପା ସଭାପତି ଗୋବିନ୍ଦ ଜୈନ, ଉପସଭାପତି ଜୟନ୍ତ ପାତ୍ର, ଜିଲା ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ଦାସ, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଦୁର୍ଜନ ନାୟକ, ଜିଲା ସମ୍ପାଦକ ଦିବାନ ସିଂ, ଆଦିବାସୀ ନେତା ପଦ୍ମନ ନାୟକ, ଯୁବମୋର୍ଚ୍ଚା ନିର୍ବାଚନ ମଣ୍ଡଳୀ ପ୍ରଭାରି ଅରୁଣ ନାୟକ, ଜିଲା ଯୁବମୋର୍ଚ୍ଚା ଉପସଭାପତି ନରେଶ ସିଂ, ଯୁବମୋର୍ଚ୍ଚା ବ୍ଲକ ସଭାପତି ବିଶ୍ୱରଞ୍ଜନ ପାତ୍ର, ପାପଡାହାଣ୍ଡି ମଣ୍ଡଳ ସଭାପତି ଦାମୋଦର ପ୍ରଧାନ, ଡାବୁଗାଁ ମଣ୍ଡଳ ସଭାପତି ରାଜଶେଖର ରାଓ ଯୋଗ ଦେଇଥିଲେ। ଉମରକୋଟ ବସଷ୍ଟାଣ୍ଡରେ ଅନୁଷ୍ଠିତ ଜନ ଜାଗରଣ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ଗଣ୍ଡ, ଜିଲା ଉପସଭାପତି ପି.ଚନ୍ଦ୍ର ରାଓ, ଜିଲା ସାଧାରଣ ସମ୍ପାଦକ ଅଶୋକ ପାଢି, ମହିଳା ମୋର୍ଚ୍ଚା ସଭାପତି ପ୍ରବୀଣା କଲାର, ନଗର ସଭାପତି ଦେବାଶିଷ ଦାସ, ସାଧାରଣ ସମ୍ପାଦକ ସୁରେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ତପନ ଦାସ, ଅବସରପ୍ରାପ୍ତ ଆର୍‌ସିଏମ୍‌ଏସ୍ କର୍ମଚାରୀ କାଶୀରାମ ଜେନା, ପୂର୍ବତନ କଂଗ୍ରେସ ନେତା ଅମଲା ଦାସ, ପୂର୍ବତନ ବିଜେଡି ନେତା ପ୍ରତାପ ଦ୍ରାକ୍ଷାଲତା, ଯୁବନେତା ବିଟ୍ଟୁ ମଣ୍ଡଳ, କଲ୍ୟାଣ ସାହା, ସ୍ୱରୁପ ଭାଇ ଭାଜପାରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ମୃତ୍ୟୁଦଣ୍ଡ ଧମକ ଦେଇ ମାଓବାଦୀ ମାରିଲେ ପୋଷ୍ଟର

ମାଥିଲି, ୫।୧୦ (ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ୧ କିମି ଦୂର ବଲଦିଆଗୁଡା -ମୁଣ୍ଡାଗୁଡା ଛକ ଠାରେ ଶୁକ୍ରବାର ମାଓବାଦୀମାନେ ଧମକପୂର୍ଣ୍ଣ ପୋଷ୍ଟର ଲଗାଇଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଖେଳିଯାଇଛି। ପୋଷ୍ଟରଟି ମାଓବାଦୀଙ୍କର ନା ଅନ୍ୟ କେହି ଲଗାଇଛନ୍ତି ତାହା ପୋଲିସ ତଦନ୍ତ କରୁଛି । ପ୍ରଥମ ଥର ମାଥିଲି ନିକଟରେ ଏପରି ମୃତ୍ୟୁଦଣ୍ଡ ସମ୍ପର୍କିତ ଧମକପୂର୍ଣ୍ଣ ପୋଷ୍ଟର ମରାଯାଇଛି। ବଲଦିଆଗୁଡା- ମୁଣ୍ଡାଗୁଡା ଛକ ବରଗଛରେ ଏହି ପୋଷ୍ଟର ଲାଗିଛି। ୩ ଶିକ୍ଷକଙ୍କ ସମେତ ୪ଜଣଙ୍କ ନାମ ଉଲ୍ଲେଖ କରି ସେମାନେ ମାଓବାଦୀଙ୍କ ଅର୍ଥ ହଡପ କରୁଥିବାରୁ ସେମାନଙ୍କୁ ଖୁବଶୀଘ୍ର ମୃତ୍ୟୁଦଣ୍ଡ ମିଳିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ଘଟଣାର ତଦନ୍ତ ଚାଲିଥିବା ଥାନା ଆଇଆଇସି ଜନ ଖୁଜୁର କହିଛନ୍ତି ।

### ମହିଳାଙ୍କ ଆତ୍ମହତ୍ୟା

ମାଲକାନଗିରି, ୫।୧୦(ଡି.ଏନ.ଏ.) ମାଲକାନଗିରି ସଦର ମହକୁମାସ୍ଥିତ ବ୍ଲକ କଲୋନୀରେ ଜଣେ ବିବାହିତା ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ତାଙ୍କ ନାମ ଯଶମତି ପ୍ରଧାନ। ଆତ୍ମହତ୍ୟାର କାରଣ ଜଣା ପଡି ନ ଥିଲେ ମଧ ଘରୋଇ କଳିରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ଗୁରୁବାର ମଧାହ୍ନରେ ଯଶମତି ଘରେ ଭିତରପଟୁ କବାଟ ଦେଇ ଫ୍ୟାନରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ବିଭିନ୍ନ ସମୟରେ ତାଙ୍କର ସ୍ୱାମୀ ଉଲ୍ଲାସ ପ୍ରଧାନଙ୍କ ସହ ପାଟିତୁଣ୍ଡ ହେଉଥିଲା। ପୋଲିସ ଘଟଣାର ତଦନ୍ତ କରି ମୃତଦେହ ବ୍ୟବ ଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମାଥିଲି, ୫।୧୦ (ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଲକାନଗିରି ଅତିରିକ୍ତ ଜିଲାପାଳ ଅଯୋଧାନାଥ ଶତପଥୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ବିଡିଓ ଆଶିଷ କୁମାର ଭୋଇ, ଜିଲା ପରିଷଦ ସଭ୍ୟ ବାଲରାଜୁ କପେ, ଡିଏସଏସଓ ରାଧାମଣି ଦଳେଇ, ଏଚସି ବିଏସଏସଓ ପଦ୍ମରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ବ୍ଲକ ଅଞ୍ଚଳର ୪୪୪ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା । ସେଥିରୁ ୨୦୮ ଶାରୀରିକ ଭିନ୍ନକ୍ଷମ, ୭୮ ଦୃଷ୍ଟିହୀନ, ୧୦୨ ମୂକବଧିର ଏବଂ ୫୬ ଜଣ ମାନସିକ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା । ଏହି ଅବସରରେ ସ୍ୱର୍ଣ୍ଣ ଜୟନ୍ତୀ ରୋଜଗାର ଯୋଜନା କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ ପାଇଁ ୮ ଜଣ, ଭ୍ରମଣ ପାଇଁ ୫ ଭିନ୍ନକ୍ଷମ ଏବଂ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହେବାକୁ ୩୦ ଜଣଙ୍କୁ ଚିହ୍ନଟ କରାଯାଇଥିଲା। କେତେକଙ୍କୁ ନୂତନ ଭାବେ ଯୋଜନାରେ ସାମିଲ କରାଯାଇଥିଲା। ପରେ ଭିନ୍ନକ୍ଷମମାନଙ୍କୁ ଶ୍ରବଣ ଯନ୍ତ୍ର, ହୁଇଲ ଚେୟାର, ଷ୍ଟ୍ରେଚର, ଟ୍ରାଇ ସାଇକେଲ ଆଦି ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧରେ ଏବିଡିଓ ସରୋଜ କୁମାର ପ୍ରଧାନ, ମାଥିଲି ସରପଞ୍ଚ ଗୌରୀ ବଟେ, ସିଡିପିଓ ଇନ୍ଦିରା ପ୍ରଧାନ, ବିଏସଏସ ଜ୍ୟୋତ୍ସ୍ନାରାଣୀ ପାତ୍ର, ଜିପିଇଓ ସୁଶାନ୍ତ ବେହେରା, ପିଇଓ ଅଶୋକ ମହାରଣା, ପୂର୍ବତନ ବ୍ଲକ ଅଧକ୍ଷ ସ୍ମୃତିରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ ।

■ ମହେନ୍ଦ୍ରଗିରିର ସଂସ୍କୃତି ଓ ପ୍ରକୃତି ସୁରକ୍ଷା ଦାବି

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

ପାରଳାଖେମୁଣ୍ଡି, ୫।୧୦(ସ୍ୱ.ପ୍ର.)

ମହେନ୍ଦ୍ରଗିରି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମକୁ ବିରୋଧ କରିଆସୁଥିବା ଏବଂ ଲୋକଙ୍କୁ ଧମକଚମକ ଦେଇ ଅର୍ଥ ଆଦାୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମହେନ୍ଦ୍ରଗିରିର ସଂସ୍କୃତି ଓ ପ୍ରକୃତି ସୁରକ୍ଷା ପାଇଁ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଏ ନେଇ ସେମାନେ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ ଜଣାଇ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିପ୍ରତି ପ୍ରଶାସନ କର୍ଣ୍ଣପାତ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**ପ୍ରଶାସନ ପଦକ୍ଷେପ ନ ନେଲେ ଆନ୍ଦୋଳନ**


ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଅଞ୍ଚଳବାସୀ।

ଅଞ୍ଚଳବାସୀଙ୍କ କହିବାନୁଯାୟୀ, ମହେନ୍ଦ୍ରଗିରି ଏକ ପବିତ୍ର ତୀର୍ଥସ୍ଥଳୀ। ଏହାର ସଂସ୍କୃତି ଓ ପ୍ରକୃତି ରକ୍ଷା ପାଇଁ ସନ୍ଥ ଭାସ୍କରତୀର୍ଥ ତଥା ଲକ୍ଷ୍ମୀ ବାବା ଗତ ୩୦ବର୍ଷ ଧରି ମହେନ୍ଦ୍ରଗିରିରେ ରହି ନିଶା ନିବାରଣ, କୁପ୍ରଥା ଓ କୁସଂସ୍କାର ନିବାରଣ, ଚାରାରୋପଣ, ସଂସ୍କୃତି ସୁରକ୍ଷା ଓ ଶିକ୍ଷାର ବିକାଶ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛନ୍ତି । ସେଠାକାର ଜଙ୍ଗଲ ଓ ପଶୁପକ୍ଷୀଙ୍କ ସୁରକ୍ଷା ସହ ମହେନ୍ଦ୍ରାଶ୍ରମରେ ବିଭିନ୍ନ ସମୟରେ ଯଜ୍ଞ କରି ସ୍ଥାନୀୟ ବାସିନ୍ଦା ତଥା ବନବାସୀଙ୍କୁ ସଂସ୍କାରିତ କରାଇ ଆସୁଛନ୍ତି । ତେବେ ଗତ ୫ବର୍ଷ ହେଲା ସେହି ଅଞ୍ଚଳର କେତେକ ଖଳ ପ୍ରକୃତିର ବ୍ୟକ୍ତି ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି ମହତ କାର୍ଯ୍ୟକ୍ରମକୁ ବିରୋଧ କରିବା ସହ ଲକ୍ଷ୍ମୀବାବାଙ୍କୁ ଅଧିକାଂଶ ସମୟରେ ଧମକଚମକ ଦେଉଛନ୍ତି। ସେହିପରି ମହେନ୍ଦ୍ରଗିରିକୁ ଆସୁଥିବା ପର୍ଯ୍ୟଟକଙ୍କୁ ମଧ ସେମାନେ ଧମକ ଚମକ ଦେଇ ଅର୍ଥ ଆଦାୟ କରୁଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି । ଜିଲା ପ୍ରଶାସନ ଏସବୁର ତଦନ୍ତ କରିବା ସହ ମହେନ୍ଦ୍ରଗିରି ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ସୋମନାଥ କାର୍ଜୀ କହିଛନ୍ତି ।

# ଖାଦ୍ୟ ସୁରକ୍ଷା ଯୋଜନାରେ ୩୩୭ ହିତାଧିକାରୀଙ୍କୁ କାର୍ଡ

ଖଇରପୁଟ,୫।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏଥିରେ ୩୩୭ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ନବରଙ୍ଗପୁର ଏମ୍‌ପି ପ୍ରତିନିଧି ସାଧୁ ହନ୍ତାଳ, ବ୍ଲକ ଅଧକ୍ଷା କୁମୁଦିନୀ କିର୍ସାନୀ, ଜିଲା ପରିଷଦ ସଭ୍ୟା ମହିନୀ ସଗର, ବ୍ଲକ ଉପାଧକ୍ଷା ଗୀତାରାଣି ଭତ୍ରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀ ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। କୌଣସି ଗରିବ ପରିବାର ଭୋକରେ ରହିବେ ନାହିଁ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ଖଇରପୁଟ ବ୍ଲକରେ ୪୫୭ ହିତାଧିକାରୀମାନଙ୍କ ମଧ୍ୟରୁ ୩୩୭ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା । ସେଥିରୁ ବଡ଼ଡୁରାଲ ପଞ୍ଚାୟତର ୧୭, ଅଣ୍ଡ୍ରାହାଲ ପଞ୍ଚାୟତରୁ ଜଣେ, ଗୋବିନ୍ଦପାଲିରୁ ୫୦, ଖଇରପୁଟରୁ ୧୫, ମୁଦୁଲିପଡା ୬, ପୋଡଘାଟାରୁ ୮, ମାତକାପଦର ୨୨, କଦମଗୁଡାରୁ ୨୧, ରାସବେଡା ୨୦, କୁଡୁମୁଲୁଗୁମ୍ମା ୧୧୫ ଏବଂ ପରକନମାଳା ପଞ୍ଚାୟତରୁ ୬୨ ଜଣ ହିତାଧିକାରୀ କାର୍ଡ ପାଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁଦୁଲିପଡା ଥାନା ଭାରପ୍ରାପ୍ତ ଅଧିକାରୀ ଶଶୀ ଭୂଷଣ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ । ସେହିପରି ଅଗ୍ନିଶମ ବିଭାଗର ସୁରତ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଥିଲେ। ଅନ୍ୟମାନଙ୍କ ମଧରେ ବିଡିଓ ବିଶ୍ୱଜିତ ଚନ୍ଦ୍ର ବର୍ମନ, ଜିଲା ଯୋଗାଣ ଅଧିକାରୀ ଅଭିମନ୍ୟୁ ମହାନ୍ତି, ବ୍ଲକ ଯୋଗାଣ ଅଧିକାରୀ ପ୍ରଭାକର ଦୋରା, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ସମେତ ହିତାଧିକାରୀମାନେ ଉପସ୍ଥିତ ଥିଲେ ।

## ଗାଁ ସାଥୀ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର


ଗାଁ ସାଥୀ ସଂଘ ତରଫରୁ ବିଡିଓ ଆଶିଷ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମାଥିଲି, ୫।୧୦(ଡି.ଏନ.ଏ.)– ରାଜ୍ୟ ସଂଘର ଆହ୍ୱାନକ୍ରମେ ମାଲକାନଗିରି ଜିଲା ମାଥିଲି ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ଶୁକ୍ରବାର ବିଡିଓ ଆଶିଷ କୁମାର ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଗାଁ ସାଥୀମାନେ ଅଂଶ ଗ୍ରହଣ କରୁଛନ୍ତି । କିନ୍ତୁ ସେମାନଙ୍କ ପାଇଁ କୌଣସି ପ୍ରୋତ୍ସାହନ ରାଶି ଏପର୍ଯ୍ୟନ୍ତ ହୋଇପାରିନାହିଁ । ଫଳରେ କୌଣସି ପାରିଶ୍ରମିକ ନ ପାଇ ସେମାନେ କାମ କରି ଚାଲିଛନ୍ତି। ପଞ୍ଚାୟତିରାଜ ବିଭାଗର ଚିଠି ଅନୁଯାୟୀ ଗାଁ ସାଥୀମାନଙ୍କୁ ଅଧିକ କାର୍ଯ୍ୟ ପ୍ରଦାନ କଲେ ଆର୍ଥିକ ପ୍ରାପ୍ୟ ପ୍ରଦାନର ବ୍ୟବସ୍ଥା କରିବା, ୨୦୦୮ରୁ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଚୟନ ହୋଇ ଆସିଥିବା ଗାଁ ସାଥୀମାନଙ୍କୁ ଚିହ୍ନଟ କରି ୧୦ ବର୍ଷର ଅଭିଜ୍ଞତା ସାର୍ଟିଫିକେଟ ଦେଇ ବିଭିନ୍ନ ଗ୍ରାମୀଣ ବିକାଶର ଯୋଜନାରେ କାର୍ଯ୍ୟ ପ୍ରଦାନ କରିବା ସହ ଅନ୍ୟାନ୍ୟ ଦାବି ରହିଛି। ଗାଁ ସାଥୀମାନଙ୍କ ଦାବିପତ୍ର ପାଇଛନ୍ତି। ଏହାକୁ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଇବେ ବୋଲି ବିଡିଓ ଭୋଇ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଘର ଜିଲା ସଭାପତି ହରି ମାଡକାମୀ, ସମ୍ପାଦକ ଘେନା ଭୂମିଆ, କୋଷାଧକ୍ଷ ବଳ ନାୟକ, ମାଥିଲି ବ୍ଲକ ସଂଘ ସଭାପତି ସନ୍ୟାସୀ ନାୟକ, ସମ୍ପାଦକ ସନାଧର ମୁଦୁଲି, ଉପ ସଭାନେତ୍ରୀ ଭଗବତୀ ନାୟକ, ଅର୍ଜୁନ ଟଟାପାଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଜଳଦୂତ ଉତ୍ତମ ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ

ମାଲକାନଗିରି, ୫।୧୦(ଡି.ଏନ.ଏ.)

ମାଲକାନଗିରି ଜିଲାର ଜଣେ ସମାଜସେବୀଙ୍କୁ ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସେ ହେଲେ ଜିଲାରେ ଜଳଦୂତ ରୂପେ ପରିଚିତ ଏମ.ଭି-୬୯ ଗ୍ରାମର ଉତ୍ତମ ମଲିକ। ଜିଲା ବିଜେଡି ସଭାପତି ତଥା ବିଧାୟକ ମାନସ ମାଡ଼କାମିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲା କାର୍ଯ୍ୟକାରୀ ସଭାପତି ଗଣେଶ ମଣ୍ଡଳ, ମାଲକାନଗିରି ବ୍ଲକ ସଭାପତି ସର୍ବେଶ୍ୱର ବିଷୋୟୀ, ଆଇନଜୀବୀ ଲମ୍ବୋଧର ଡୁରୁକ, ପବିତ୍ର ମୋହନ ରଥ, ଜିଲା ବଙ୍ଗୀୟ ସଂଘ ସଭାପତି ଗୌରାଙ୍ଗ କର୍ମକାର ଯୋଗ ଦେଇ ଉତ୍ତମଙ୍କ ଜନସେବା ଓ ତ୍ୟାଗ ମନୋଭାବ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନେ ମଧ ତାଙ୍କ ପରି ସମାଜସେବା କ୍ଷେତ୍ରରେ ଆଗେଇ ଆସିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଧାୟକଙ୍କ ସମେତ ଅନ୍ୟ ଅତିଥିମାନେ ଉତ୍ତମଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସୂଚନା ଯୋଗ୍ୟ ଯେ, ଜିଲାରେ ଲୌହ ଜଳ ବ୍ୟବହାର କରି ଅନେକ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହେଉଥିବାରୁ ଉତ୍ତମ ଜିଲାର ସିମିଳିବାଞ୍ଚା ପଞ୍ଚାୟତର ଏମ.ପି.ଭି-୭୦, ଗୋରଖପାଲି, ମାଲାଭରମ ପଞ୍ଚାୟତର ଏମ.ଭି-୮୮, କାଙ୍ଗୁରୁକୋଣ୍ଡା ପଞ୍ଚାୟତର ସାଲିମାରିକୋଣ୍ଡା ଓ ନାଲାଗୁଣ୍ଡି ପଞ୍ଚାୟତର ଏମ.ଭି-୭୨ ଗ୍ରାମରେ ୱାଟର ପ୍ୟୁରିଫାଇୟର ଲଗାଇ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରିଥିଲେ।

## ତହସିଲ ଅଫିସ ଘେରିଲା ସିପିଆଇ(ଏମ୍)

କାଶୀନଗର, ୫।୧୦(ଡି.ଏନ.ଏ.)

ସିପିଆଇ(ଏମ୍) ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଗଜପତି ଜିଲା କାଶୀନଗର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା। ପ୍ରଥମେ ସିପିଆଇ(ଏମ୍) କର୍ମୀମାନେ କାଶୀନଗର ସହରସ୍ଥ ଷ୍ଟେଟ ବ୍ୟାଙ୍କ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। କୃଷକମାନଙ୍କୁ ମାସିକ ୫ହଜାର ଟଙ୍କା ଭତ୍ତା ଦେବା, ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରିବା ଆଦି ଦାବି ନେଇ ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଆଦିବାସୀମାନେ ଦୀର୍ଘବର୍ଷ ଧରି ଚାଷ କରିଆସୁଥିବା ଜମିଗୁଡ଼ିକୁ ଅଣଆଦିବାସୀଙ୍କ ନାମରେ ପଟ୍ଟା କରାଯାଇଥିବା ଅଭିଯୋଗ ଆଣି କର୍ମୀମାନେ ପ୍ରତିବାଦ ଜଣାଇଥିଲେ। ଜିଲା ସମ୍ପାଦକ ଜଗନ୍ନାଥ ମିଶ୍ର, ଉଦୟନାଥ ଜେନା, କାର୍ତ୍ତିକ ଶବର, କେ.ସଞ୍ଜିବ ଏବଂ କେ. ମୀନାରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ଶତାଧିକ କର୍ମୀଙ୍କ ସମେତ ଆଦିବାସୀ ମହିଳା, ପୁରୁଷ ସାମିଲ ଥିଲେ।


କର୍ମୀମାନେ ଶୋଭାଯାତ୍ରାରେ ତହସିଲ ଅଫିସ ଅଭିମୁଖେ ବାହାରିଛନ୍ତି।

## ଜିଲାପାଳଙ୍କ କାଶୀନଗର ଗସ୍ତ

## ବୁଝିଲେନି କେଜିବିଭି ଛାତ୍ରୀଙ୍କ ସମସ୍ୟା

କାଶୀନଗର, ୫।୧୦(ଡି.ଏନ.ଏ.)

ଗଜପତି ଜିଲାପାଳ ଅନୁପମ ଶାହା ଶୁକ୍ରବାର କାଶୀନଗର ବ୍ଲକ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମେତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସେହିପରି କେତେକ କାର୍ଯ୍ୟ ମଧ ବୁଲି ଦେଖିଛନ୍ତି। ତେବେ ସେ ସ୍ଥାନୀୟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ଛାତ୍ରୀନିବାସ ଅନ୍ତେବାସୀଙ୍କ ସମସ୍ୟା ନ ବୁଝିବାରୁ ଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଛାତ୍ରୀଙ୍କ ସମସ୍ୟା ସମ୍ପର୍କରେ ବ୍ଲକ କଲୋନୀ ଉ.ପ୍ରା. ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକମାନଙ୍କ ପକ୍ଷରୁ ମିଳିତ ଭାବେ ପ୍ରଶାସନକୁ ଅବଗତ କରାଯାଇଥିଲା। ତେଣୁ ଜିଲାପାଳ କେଜିବିଭି ହଷ୍ଟେଲକୁ ଯାଇ ସମସ୍ୟା ବୁଝି କିଛି ପଦକ୍ଷେପ ନେବେ ବୋଲି ଛାତ୍ରୀମାନେ ଆଶା ବାନ୍ଧିଥିଲେ। ମାତ୍ର ସେମାନଙ୍କୁ ନିରାଶ ହେବାକୁ ପଡ଼ିଲା ବୋଲି ଛାତ୍ରୀମାନେ ଦୁଃଖ ଓ କ୍ଷୋଭର ସହ ପ୍ରକାଶ କରିଛନ୍ତି।

### ଗଣେଶ ମୂର୍ତ୍ତି ଭସାଣି ଉତ୍ସବ

ମାଲକାନଗିରି, ୫।୧୦(ଡି.ଏନ.ଏ.)

ମାଲକାନଗିରି ସଦର ମହକୁମା ବସ୍ତାଣ୍ଡ ଓ ଜାଗୃତି କ୍ଲବ ପକ୍ଷରୁ ହୋଇଥିବା ଗଣେଶ ପୂଜାର ଶୁକ୍ରବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ୨ଟି ସୁସଜ୍ଜିତ ମେଢରେ ବିଗ୍ରହ ସହର ପରିକ୍ରମା କରିଥିଲେ। ନାଚ,ଗୀତ ଓ ଆତସବାଜିରେ ସହର ଉତ୍ସବ ମୁଖର ହୋଇ ଉଠିଥିଲା । ଏହି ଭସାଣି ଉତ୍ସବ ଦେଖିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକଙ୍କ ଭିଡ ଜମିଥିଲା।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା


ପଦଯାତ୍ରା ସମୟରେ ଲୋକଙ୍କୁ ଭେଟୁଛନ୍ତି ବିଜେଡି ନେତା ଓ କର୍ମୀମାନେ ।

ଗୋଷାଣି, ୫।୧୦(ଡି.ଏନ.ଏ.)– ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ସାରଦାପୁର ଓ ବଡଗୋଷାଣି ପଞ୍ଚାୟତରେ ଶୁକ୍ରବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ କେ. ନାରାୟଣ ରାଓ ଏବଂ ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ଜିଲା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ଯୁବ ସଭାପତି ପି. କ୍ରିଷ୍ଣା, ଗୋଷାଣୀ ବ୍ଲକ ଅଧକ୍ଷ ସି.ଏଚ୍. ତାରେକେଶ୍ୱରୀ, ପ୍ରଶାନ୍ତ ପାତ୍ର, ବାବୁଲା ପଟ୍ଟନାୟକଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ଥିଲେ। ଏମାନେ ଗାଁ ଗାଁ ବୁଲି ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ମହାଦେଇପୁରର କଂଗ୍ରେସ ନେତା ବୃନ୍ଦାବନ ମଲ୍ଲିକଙ୍କ ସମେତ ବିଭିନ୍ନ ଦଳର ୧୧ଜଣ କର୍ମୀ ବିଜେଡିରେ ଯୋଗଦେଇଛନ୍ତି।

### ୪ କେନ୍ଦ୍ରରେ ସରିଲା ବି.ଏଡ୍ ପରୀକ୍ଷା

ପାରଳାଖେମୁଣ୍ଡି, ୫।୧୦ ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ୪ଟି ବିଦ୍ୟାଳୟରେ ଶୁକ୍ରବାର ବି.ଏଡ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ସେହି ପରୀକ୍ଷା କେନ୍ଦ୍ରଗୁଡିକ ହେଲା ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ମହାରାଜା ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ବିକାଶ ବିଦ୍ୟା ନିକେତନ। ୪ଟି କେନ୍ଦ୍ରରେ ମୋଟ ୧୫ଶହରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ଶହ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି । ପରୀକ୍ଷା କେନ୍ଦ୍ରଗୁଡିକ ସୁଚାରୁ ରୂପେ ପରିଚାଳନା ପାଇଁ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଏକ ସ୍କାଡ୍ ଗଠନ କରାଯାଇଥିଲା । ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂ କେନ୍ଦ୍ରଗୁଡ଼ିକ ବୁଲି ପରୀକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ରହି ପରୀକ୍ଷା ପରିଚାଳନା କରିଥିଲେ।

■ ଲିଭିନି ହୁଡ୍‌ହୁଡ୍ କ୍ଷତ

# ୫ବର୍ଷ ପରେ ବି ନିର୍ମାଣ ହୋଇନି ପୋଲ

ଗୋବିନ୍ଦପାଲି, ୫।୧୦

ମାଲକାନଗିରି ଜିଲା ଗୋବିନ୍ଦପାଲି ଅଞ୍ଚଳର ବଣ୍ଡାଘାଟି ଏବେ ବି ଅବହେଳିତ ହୋଇ ରହିଛି। ନିକଟରେ 'ଡାଏ'ର ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ଯୋଗୁ କ୍ଷୟକ୍ଷତିର ଭରଣା ପାଇଁ କ୍ଷତିପୂରଣ ମିଳୁଛି। ମାତ୍ର ଗତ ୫ବର୍ଷ ତଳେ ହୋଇଥିବା ହୁଡ୍‌ହୁଡ୍ କ୍ଷତ ଏଯାଏ ଲିଭିନି ଉକ୍ତ ଅଞ୍ଚଳରୁ। ହୁଡ୍ ହୁଡ୍ ପ୍ରଭାବରେ ବଡବେଲଗାଁରେ ରହିଥିବା ପୋଲ ଭାଙ୍ଗି ଯାଇଥିଲା। ପୋଲର ମରାମତି କିମ୍ବା ନୂତନ ପୋଲ ନିର୍ମାଣ ହୋଇପାରିନି ଏଯାଏ। ଫଳରେ ଲୋକମାନେ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଙ୍ଗନୱାଡି ଓ ବିଦ୍ୟାଳୟକୁ ଯିବା ବେଳେ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ଅନ୍ତିଆଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ମୁଁ ଅବଗତ ନ ଥିଲି। ଏବେ ଜାଣିଲି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ପଦକ୍ଷେପ ନେବି।


ହୁଡ୍‌ହୁଡ୍‌ରେ କ୍ଷତିଗ୍ରସ୍ତ ପୋଲ ।

■ ୬୪ତମ ବନ୍ୟ ପ୍ରାଣୀ ସପ୍ତାହ ପାଳିତ

# ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି, ୫।୧୦(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ବନଖଣ୍ଡ ବିଭାଗର ଦେବଗିରି ବନାଞ୍ଚଳ ରେଞ୍ଜ ପକ୍ଷରୁ ଶୁକ୍ରବାର ୬୪ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ସଚେତନତା ସଭା ଓ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଜିଲାପାଳ ଅନୁପମ ଶାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପାଇଁ ଜନସାଧାରଣ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ସହକାରୀ ବନ ସଂରକ୍ଷକ ଶିବ ଶଙ୍କର ଦାସ ବନ୍ୟପ୍ରାଣୀଙ୍କ ପ୍ରତି ଦୟା, ସୁରକ୍ଷା ଓ ଅହିଂସା ଆଚରଣ କରିବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା, ସଂରକ୍ଷଣ ଏବଂ ପରିବେଶ ଅଭିବୃଦ୍ଧି ନିମନ୍ତେ ପ୍ରତିବଦ୍ଧତା ସୃଷ୍ଟି କରିବା ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶିବ ଶଙ୍କର ଦାସ କହିଥିଲେ। ଦେବଗିରି ରେଞ୍ଜ ଅଧିକାରୀ ଏମ୍. ନରସିଂହଙ୍କ ନେତୃତ୍ୱରେ ସଚେତନତା ଶୋଭାଯାତ୍ରା ପାରଳାଖେମୁଣ୍ଡିସ୍ଥିତ ଖଣ୍ଡୀୟ ବନ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ବନରକ୍ଷୀ, ହାତୀ ସ୍କାଡ୍ ପ୍ରମୁଖ ସାମିଲ ହୋଇ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏମ୍. ମହେଶ, ପୂର୍ଣ୍ଣଚନ୍ଦ୍ର ଗୌଡ, ସନ୍ତୋଷ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି ।



ମୁଁ ଧୀରେ ଧୀରେ ଚାଲେ, ମାତ୍ର ମୋର ଗତି କେବେହେଲେ ପଛ ଆଡ଼କୁ ନୁହେଁ।
- ଆବ୍ରାହମ ଲିଙ୍କନ



## ସଂକ୍ଷେପରେ

### ନାବାଳିକାଙ୍କୁ ଗର୍ଭବତୀ କରି ଜଣେ ଗିରଫ

ରାୟଗଡା ଅଫିସ୍, ୫।୧୦:ରାୟଗଡା ସହରର ତୁମ୍ବିଗୁଡା ଅଞ୍ଚଳରେ ରହୁଥିବା ଜଣେ ନାବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ କସ୍ତୁରିନଗର ପଞ୍ଚମ ଗଳିର ଜି.ଆଦିନାରାୟଣା । କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଲଡୁଗାଁ ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକା ୨ବର୍ଷ ହେବ ରାୟଗଡା ସହରର ତୁମ୍ବିଗୁଡାରେ ନିଜର ସମ୍ପର୍କୀୟଙ୍କ ଘରେ ରହୁଥିଲେ । ସେ ମିସ୍ତ୍ରି ଜି.ଆଦିନାରାୟଣାଙ୍କ ନିକଟରେ ଶ୍ରମିକ ଭାବେ କାମ କରୁଥିଲେ । ଆଦିନାରାୟଣା ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ । ଏହାଦ୍ୱାରା ସେ ଗର୍ଭବତୀ ହେବାରୁ ଗତ ୩ ତାରିଖରେ ନାବାଳିକା ରାୟଗଡା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି । ପରେ ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି ।

### ଶିକ୍ଷା ଅଧିକାର ନେଇ ଆଲୋଚନା



ମୁନିଗୁଡା, ୫।୧୦(ଡ଼ି.ଏନ.ଏ): ମୁନିଗୁଡା ନିଉହୋପ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ଆଧାର ଓ ଅକ୍ସଫାମ ସ୍ୱେଚ୍ଛାସେବୀ ସଂଗଠନ ମିଳିତ ଆନୁକୂଲ୍ୟରେ ଶିକ୍ଷା ଅଧିକାରକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଧାର ସଂଗଠନ ସମ୍ପାଦକ ଉମାଶଙ୍କର ସାହୁ ମୁଖ୍ୟଅତିଥି ଓ ଅକ୍ସଫାମ ଇଣ୍ଡିଆର କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ କୁମାର ପାତ୍ର ମୁଖ୍ୟବକ୍ତା ଯୋଗଦେଇ ଦେଶରେ ଦେଖାଦେଇଥିବା ଅସମାନତା ଓ ଶିକ୍ଷା ଅଧିକାର ଉପରେ ବ୍ୟାପକ ପ୍ରଭାବ ପଡୁଥିବା ନେଇ ଆଲୋଚନା କରିଥିଲେ । ଏଥିସହ ଏହାର ସମାଧାନ କିପରି ହୋଇପାରିବ ସେ ନେଇ କହିଥିଲେ । ବିଶେଷକରି ଆଦିବାସୀ, ଦଳିତ ଓ ମୁସଲିମବର୍ଗର ଲୋକଙ୍କ ଆୟ, ସ୍ୱାସ୍ଥ୍ୟ ଓ ଶିକ୍ଷାର ଆଖିଦୃଶିଆ ପରିବର୍ତ୍ତନ ହୋଇପାରି ନ ଥିବା, ଶିକ୍ଷା ଅଧିକାର ଆଇନ ୨୦୦୯କୁ ସରକାର ଠିକ ରୂପେ ରୂପାୟନ କରିପାରୁ ନ ଥିବା ନେଇ ବୁଝାଇଥିଲେ। ଏଥିସହ ଏ ଦିଗରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଏହା କିପରି ଲୋକଲୋଚନକୁ ଆସିପାରିବ ଓ ସଚେତନତା କରାଯାଇପାରିବ ଏ ନେଇ ବିସ୍ତୃତ ଭାବେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖବରଦାତା ରାଜୀବଲୋଚନ ଦାସ, ନନ୍ଦକିଶୋର ପଟ୍ଟନାୟକ, ଗୌରାଙ୍ଗ ଚରଣ ରାଉତ, ସୀମାଞ୍ଚଳ ପଣ୍ଡା, ଗଣେଶ୍ୱର ରାଓ, ଚନ୍ଦ୍ରଶେଖର ପଣ୍ଡା, ଗଣେଶ ପାତ୍ର, ଉମାଶଙ୍କର ନେମାଲପୁରୀ, ନରେଶ ପାତ୍ର, ସଞ୍ଜୟ ନାଗ, ଦେବେନ୍ଦ୍ର ନାୟକ, ରଘୁନାଥ ବେହେରା, ଦକ୍ଷଦାତ୍ରା ଓ ଅନନ୍ତ ଦୁର୍ଗାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଖବରଦାତା ଉପସ୍ଥିତ ଥିଲେ। ଏହାକୁ କୈଳାସ ଚନ୍ଦ୍ର ସେନାପତି ଓ ପି. ଶ୍ରାବଣୀ ପରିଚାଳନା କରିଥିଲେ।

### କେବିଏସ୍ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



କୋଲନରା, ୫।୧୦(ଡି.ଏନ୍.ଏ): କୋଲନରା ବ୍ଲକ୍‌ରେ ଥିବା କେବିଏସ୍ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମହାବିଦ୍ୟାଳୟ ଅଧକ୍ଷ ଗୌତମ ବଡସେଟ୍‌ଙ୍କ ତତ୍ତ୍ୱାବଧାନରେ ଯୁକ୍ତଦୁଇ କଳା ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ରୂପେ ପ୍ରଫେସର ହରିହର ପଣ୍ଡା ଓ ଡା. ଶିବରାମ କ୍ରିଷ୍ଣା ଯୋଗ ଦେଇ ଗୋଟିଏ ବୃକ୍ଷର ଶାଖା ଯେପରି ବୃଦ୍ଧି ପାଇ ବିସ୍ତାର ଲାଭ କରିଥାଏ ସେହିପରି ଶିକ୍ଷାର ମାନ ଭବିଷ୍ୟତରେ ବୃଦ୍ଧି କରିବା ପାଇଁ ଓ ଗୋଟିଏ ସୁନାଗରିକ ହେବା ପାଇଁ ଉପଦେଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରତିଷ୍ଠାତା କବି ବଳରାମ ନାଗା, ଅଧକ୍ଷ ଗୌତମ ବଡସେଟ୍ ,ରାଜୁ ଖରା, ସସ୍ମିତା କୁମାରୀ ଜେନା, ପ୍ରିୟଙ୍କା ବିଶ୍ୱାଳ, ଟଙ୍କଲିମା ଓ ରମେଶ ଚନ୍ଦ୍ର ମାଝି ଯୋଗ ଦେଇଥିଲେ। ଶେଷରେ ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀ ରାମକୃଷ୍ଣ କାଡ୍ରାକା ଧନ୍ୟବାଦ ଦେଇଥିଲେ ।

■ କଲେଜ ଛାତ୍ର ସଂସଦ ନିର୍ବାଚନ ପ୍ରଚାର

# ସୋସିଆଲ ମିଡିଆ ମୁଖ୍ୟ ମାଧ୍ୟମ

ରାୟଗଡା ଅଫିସ୍, ୫।୧୦

ଅକ୍ଟୋବର ୧୧ରେ ହେବ ଛାତ୍ର ସଂସଦ ନିର୍ବାଚନ । ଗତ ୪ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବାପରେ ଏହାକୁ ନେଇ କଲେଜ କ୍ୟାମ୍ପସରେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି । କ୍ୟାମ୍ପସ ବାହାରେ ପୋଷ୍ଟର ବ୍ୟାନର ଛାଉଣି ହେଲାଣି, ନବାଗତଙ୍କ ନିକଟତର ହେବାକୁ ପ୍ରାର୍ଥୀମାନେ ଚେଷ୍ଟା ଚଳାଇଛନ୍ତି। ସହଜ ଏବଂ ସୁବିଧାରେ ବାର୍ତ୍ତା ପ୍ରେରଣ କରାଯାଇ ପାରୁଥିବାରୁ ଏବେ ସୋସିଆଲ ମିଡିଆ ପାଲଟିଛି ପ୍ରଚାରର ମୁଖ୍ୟ ମାଧମ । ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବାପରେ ଆରମ୍ଭ ହୋଇଛି ଛାତ୍ର ସଂସଦ ଅବଗଣନା । ଏଥିରେ ନିଜକୁ ସାମିଲ କରିଛି ରାୟଗଡା ସହରରେ ଥିବା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ । ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ସଭାପତି ଦୌଡରେ ୨ ଏବଂ ମହିଳା ମହାବିଦ୍ୟାଳୟରେ ସଭାପତି ଦୌଡରେ ୨ଜଣ ପ୍ରାର୍ଥୀ ଅଛନ୍ତି। ସେହିପରି ସ୍ୱୟଂଶାସିତ ମହାବିଦ୍ୟାଳୟ ସାଧାରଣ ସମ୍ପାଦକ ଓ ମହିଳା ମହାବିଦ୍ୟାଳୟର ସାଧାରଣ ସମ୍ପାଦକ ଦୌଡରେ ୨ଜଣ ଲେଖାଏଁ ପ୍ରାର୍ଥୀ ମଇଦାନରେ ଅଛନ୍ତି । ନିର୍ବାଚନ ନିମନ୍ତେ ହାତରେ ମାତ୍ର କିଛିଦିନ ବାକି ଥିବାବେଳେ ଏହାକୁ ନେଇ ପ୍ରଚାର ଜୋରଦାର କରିଛନ୍ତି ଆଶାୟୀ । ପ୍ରାର୍ଥୀମାନେ ସକାଳୁ ଛକ ଖଟିରୁ ଆରମ୍ଭ କରି ରାତିରେ ଘର ଘର ବୁଲି ସାଙ୍ଗସାଥୀଙ୍କ ସହ ପ୍ରଚାର ଚଳାଇଛନ୍ତି । ନିର୍ବାଚନ ଖର୍ଚ୍ଚ କାଣ୍ଟଛାଣ୍ଟ କରିବାକୁ ହାତଲେଖା କାଗଜରେ ସେମାନଙ୍କର ନାମ, ଠିକଣା, ମୋବାଇଲ ନମ୍ବର ଏବଂ ନିଜର ଉଦ୍ଦେଶ୍ୟ ଲେଖି ପିଲାମାନଙ୍କୁ ଦେଉଛନ୍ତି । ଫେସ୍‌ବୁକ୍, ହ୍ୱାଟସଆପ୍ ଏବଂ ମୋବାଇଲ ମ୍ୟାସେଜ ମାଧ୍ୟମରେ ମଧ୍ୟ ପ୍ରଚାର ଚଳାଇଛନ୍ତି। ମୁଖ୍ୟତଃ ରାତିରେ ସୋସିଆଲ ମିଡିଆରେ ପ୍ରଚାର ଚାଲୁଛି । ଏହା ଦ୍ୱାରା ପିଲାଙ୍କ ସହ ସହଜରେ ସମ୍ପର୍କ ସ୍ଥାପନ କରାଯାଇପାରୁଥିବାରୁ ଏହା ସମସ୍ତଙ୍କର ପ୍ରଥମ ପସନ୍ଦ ପାଲଟିଛି। କଲେଜର ଉନ୍ନତିମୂଳକ କାର୍ଯ୍ୟ ଏବଂ ସମସ୍ୟାକୁ ପ୍ରତ୍ୟେକ ପ୍ରାର୍ଥୀ ନିଜର ପ୍ରଚାର ଏଜେଣ୍ଡାରେ ସ୍ଥାନ ଦେଇଛନ୍ତି । ପୂର୍ବରୁ କେତେକ କଲେଜରେ ବିଶୃଙ୍ଖଳା ଉପୁଜିବା ପରେ ନିର୍ବାଚନ ବାତିଲ ହୋଇଥିବା ନଜିର ରହିଛି । ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ହେବା ଦରକାର । ସବୁ ପିଲାମାନେ ସଚେତନ ହେଲେଣି । ତଥାପି ସହଜ ଓ ସୁବିଧାରେ ପିଲାଙ୍କ ନିକଟତର ହେବାକୁ ଘର ଘର ବୁଲି ହାତଲେଖା ପୁଶିଂ କାର୍ଡ ଦେଇ ଜିତେଇବାକୁ ନିବେଦନ କରୁଛୁ ବୋଲି ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟର ବିଭିନ୍ନ ପଦବୀ ନିମନ୍ତେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ଆଶାୟୀ ପ୍ରାର୍ଥୀ ପ୍ରକାଶ କରିଛନ୍ତି ।

### ଏମାନେ କ’ଣ କୁହନ୍ତି...



“ପିଲାମାନଙ୍କ ଘର ଘର ବୁଲି ପ୍ରଚାର କରୁଛି । ଏଥିରେ ସାଙ୍ଗସାଥୀ ସମ୍ପୂର୍ଣ୍ଣ ସହାୟତା କରୁଛନ୍ତି । ହାତ ଲେଖା କାର୍ଡରେ ମୋର ନାମ ଠିକଣା ଲେଖି ଦେଇଛି । ମୋତେ ଭୋଟ ଦେଇ ଜିତାଇବାକୁ ସମସ୍ତଙ୍କୁ ଅନୁରୋଧ କରୁଛି ।

-ପଙ୍କଜ କୁମାର ମାଝି, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଭାପତି ପ୍ରାର୍ଥୀ ।



“ମୋବାଇଲ ମେସେଜ ମାଧମରେ ପ୍ରଚାର କରିବା ଏବେ ସହଜ ହୋଇଛି । ସହଜରେ ପିଲାମାନଙ୍କ ସହ ଯୋଗାଯୋଗ କରାଯାଇପାରୁ ଥିବାରୁ ମୁଁ ଏହାକୁ ପ୍ରଚାର ମାଧମ କରିଛି । ଏଥିସହ ଛାତ୍ରୀଛାତ୍ରମାନଙ୍କୁ ଭେଟି ଭୋଟ ଦେବାକୁ ନିବେଦନ କରୁଛି ।

-ରାହୁଲ ନାଏକ, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ସଭାପତି ପ୍ରାର୍ଥୀ ।



“କଲେଜ ଆସୁଥିବା ପିଲାମାନଙ୍କ ନିକଟକୁ ଯାଇ ଭୋଟ ଦେବାକୁ ନିବେଦନ କରୁଛି । ଏଥିରେ ମୋତେ ସାଙ୍ଗମାନେ ସହାୟତା କରୁଛନ୍ତି । ରାତିରେ ଫେସ୍‌ବୁକ୍ ମାଧମରେ ଭୋଟ ଦେଇ ଜିତାଇବାକୁ ପିଲାମାନଙ୍କ ସହ କଥା ହେଉଛି ।

-ଅନତା କାଡ୍ରାକା, ମହିଳା ମହାବିଦ୍ୟାଳୟର ସଭାପତି ପ୍ରାର୍ଥୀ ।



“ନବାଗତଙ୍କ ନିକଟତର ହେବା ପାଇଁ ଚେଷ୍ଟା ଜାରି ରଖିଛି । ଏଥିପାଇଁ ପିଲାମାନଙ୍କଠାରୁ ଫୋନ୍ ନମ୍ବର ସଂଗ୍ରହ କରି ମୋତେ ଭୋଟ ଦେଇ ଜିତାଇବା ପାଇଁ ମେସେଜ ପଠାଇ ଅନୁରୋଧ କରୁଛି । ଏହା ସହ ସହପାଠୀଙ୍କୁ ବି ଭୋଟଦେଇ ଜିତାଇବାକୁ କହୁଛି ।

-ଅଞ୍ଜନା ଟାକ୍ରି, ମହିଳା ମହାବିଦ୍ୟାଳୟର ସଭାପତି ପ୍ରାର୍ଥୀ ।

■ ଗୁଣପୁର କଲେଜରେ ଛାତ୍ର ସଂସଦ ନିର୍ବାଚନ

# ଭୋଟରଙ୍କ ମନ ଜିଣିବାକୁ ପ୍ରାର୍ଥୀଙ୍କ ପ୍ରୟାସ



ବଳିଆ ମହାନ୍ତି



ଗୋବର୍ଦ୍ଧନ ଶବର



ଲକ୍ଷ୍ମୀପ୍ରିୟା ମାଣ୍ଡାଙ୍ଗି

ଗୁଣପୁର,୫।୧୦(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର କଲେଜ ଛାତ୍ର ସଂସଦର ନିର୍ବାଚନ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ । ଦିନ ଯେତିକି ପାଖେଇ ଆସୁଛି କଲେଜରେ ରାଜନୈତିକ ଉଷ୍ମତା ସେତିକି ବଢି ଚାଲିଛି । ପ୍ରାର୍ଥୀମାନେ ଭୋଟରଙ୍କ ମନ ଜିଣିବାକୁ ଜୋର୍‌ଦାର ପ୍ରୟାସ ଚଳାଇଛନ୍ତି । କଲେଜରେ ପ୍ରଚାର ଜମିବାରେ ଲାଗିଛି । ନିଜ ସାଥୀ ତଥା ସମର୍ଥକଙ୍କୁ ନେଇ ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଛନ୍ତି । ଦିନରେ କଲେଜରେ ପ୍ରଚାର କରୁଥିବା ବେଳେ ସନ୍ଧ୍ୟାରେ ଘରକୁ ଯାଇ ଭୋଟରଙ୍କୁ ମନାଉଛନ୍ତି। ପ୍ରାର୍ଥୀ ମାନେ ଗୋଟିଏ ମୁହୂର୍ତ୍ତ ମଧ ନଷ୍ଟ କରିବାକୁ ଚାହୁଁନାହାନ୍ତି । ଏଥିପାଇଁ ବିଭିନ୍ନ ସୋସିଆଲ ମିଡିଆର ବ୍ୟାବାହର ମଧ କରୁଛନ୍ତି । କଲେଜରେ ସଭାପତି ପାଇଁ ତ୍ରିମୁଖି ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ବଳିଆ ମହାନ୍ତି, ଗୋବର୍ଦ୍ଧନ ଶବର ଏବଂ ଲକ୍ଷ୍ମୀପ୍ରିୟା ମାଣ୍ଡାଙ୍ଗି ସଭାପତି ପ୍ରାର୍ଥୀ ହୋଇଛନ୍ତି । ପ୍ରାର୍ଥୀମାନେ ଭୋଟରଙ୍କ ମନ ଜିଣିଲା ଭଳି ପ୍ରତିଶୃତି ସହ ବିଭିନ୍ନ ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶୃତି ଦେଉଛନ୍ତି ।



ଦୁର୍ବୃତ୍ତମାନେ ପୋଡ଼ି ଦେଇଥିବା ଯଜ୍ଞସ୍ଥଳ ।

■ ଖବରଦାତାଙ୍କ ଶାନ୍ତିପୂର୍ଣ୍ଣ ଅସହଯୋଗ ଆନ୍ଦୋଳନକୁ ସମର୍ଥନ

# ଜିଲା ମାନବାଧିକାର କାଉନ୍‌ସିଲ ପକ୍ଷରୁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମାନବାଧିକାର କାଉନସିଲର କର୍ମକର୍ତ୍ତା ।

ରାୟଗଡା ଅଫିସ୍, ୫।୧୦

ରାୟଗଡ଼ା ଜିଲା ଖବରଦାତାମାନେ ଚଳାଇଥିବା ଶାନ୍ତିପୂର୍ଣ୍ଣ ଅସଯୋଗ ଆନ୍ଦୋଳନକୁ ରାୟଗଡା ଜିଲା ଶାଖା ମାନବାଧିକାର କାଉନସିଲ୍‌ର ପକ୍ଷରୁ ସମର୍ଥନ କରାଯାଇଛି। ଏହିପରିପ୍ରେକ୍ଷୀରେ ଶୁକ୍ରବାର ମାନବାଧିକାର କାଉନସିଲର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ସୁଧାକର ଶବରଙ୍କୁ ପ୍ରଦାନ କରାଯାଇଛି। କାଉନସିଲ ମୁଖ ରାଜ୍ୟ ସମ୍ପାଦକ ଶିବନାରାୟଣ ପାତ୍ର, ରାଜ୍ୟ ସହ ସମ୍ପାଦକ ଯୋଗେଶ୍ୱର ଦାସ, ଦକ୍ଷିଣ ଓଡ଼ିଶା ସାଧାରଣ ସମ୍ପାଦକ ସନ୍ତୋଷ ଶତପଥୀଙ୍କ ନେତୃତ୍ୱରେ ରାୟଗଡା ଜିଲା ଶାଖା ମାନବଧିକାର କାଉନ୍‌ସିଲର ସମସ୍ତ ସଭ୍ୟାସଭ୍ୟ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, କିଛିମାସ ହେଲା ଜିଲାରେ କାର୍ଯ୍ୟରତ ଗଣମାଧମ ପ୍ରତିନିଧିମାନେ ପ୍ରଶାସନିକ ଅଧିକାରୀଙ୍କ ଅବହେଳାର ଶିକାର ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ଉପରେ ଆକ୍ରମଣ କରାଯାଉଛି। ମୁଖ୍ୟତଃ ସରକାରଙ୍କ ଯୋଜନା ଏବଂ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ଲୋକଲୋଚନକୁ ଆଣୁଥିବା ଖବରଦାତାମାନଙ୍କୁ ସୁବିଧା, ସୁଯୋଗ ଏବଂ ସୁରକ୍ଷା ଯୋଗାଇ ଦିଆଯାଉ ନାହିଁ । ଏମିତି କି ଜିଲାରେ କାର୍ଯ୍ୟରତ ଖବରଦାତାଙ୍କୁ ବୀମା, ସୁରକ୍ଷା ଓ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଉଥିବାରୁ ରାୟଗଡା ଶାଖା ମାନବଧିକାର କାଉନ୍‌ସିଲ ପକ୍ଷରୁ ଏହାକୁ ଦୃଢ଼ ବିରୋଧ କରିବା ସହ ତୀବ୍ର ନିନ୍ଦା କରାଯାଇଛି। ଆଗାମୀ ଦିନରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଖବରଦାତାମାନଙ୍କୁ ବୀମା, ସୁରକ୍ଷା ଓ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇବା ସହିତ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନ କରନ୍ତି ତେବେ ଅନ୍ତର୍ଜାତୀୟ ମାନବଧିକାର କାଉନ୍‌ସିଲ ପକ୍ଷରୁ ଦୃଢ଼ ଜବାବ ଦିଆଯିବ ବୋଲି ମାନବାଧିକାର କାଉନ୍‌ସିଲର ରାଜ୍ୟ ସମ୍ପାଦକ ପାତ୍ର ଓ ରାଜ୍ୟ ସହ ସମ୍ପାଦକ ଦାସ ପ୍ରକାଶ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଜିଲା ଶାଖା ମାନବଧିକାର କାଉନ୍‌ସିଲର ସଭ୍ୟା ସେନାପତି ସନ୍ତୋଷୀ, ପ୍ରିୟଦର୍ଶନୀ ହୁଇକା, ଧର୍ମେନ୍ଦ୍ର ଦାସ, ପି.ଭାସ୍କର, ଏ.ଗୌରୀ, ସୁଧାଂଶୁ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

### ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର

ଟିକିରି,୫।୧୦(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଡ଼େପୁଟେଶନରେ ପଠାଯାଇଥିବା ଶିକ୍ଷକଙ୍କୁ ପୁଣିଥରେ ନିଜ ସ୍କୁଲକୁ ଫେରାଇ ଅଣାଯାଉ । ଏଭଳି ଦାବି କରିଛି କାଶୀପୁର ବ୍ଲକ ମାଇକଞ୍ଚ ପଞ୍ଚାୟତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି । ବିଜ୍ଞାନ ଶିକ୍ଷକଙ୍କୁ ଫେରାଇ ଅଣାଯିବା ସହ ଅନ୍ୟ ୨ ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତି ଦେବା ନେଇ ଏକ ଦାବିପତ୍ର ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପ୍ରଦାନ କରାଯାଇଛି । କମିଟି ଅଭିଯୋଗ ଅନୁଯାୟୀ, ୪ ମାସ ତଳେ ସ୍କୁଲର ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ କାଶିପୁର ଆଦର୍ଶ ବିଦ୍ୟାଳୟକୁ ଡ଼େପୁଟେଶନରେ ପଠାଯାଇଥିଲା । ହେଲେ ବର୍ତ୍ତମାନ ସୁଦ୍ଧା ତାଙ୍କ ସ୍ଥାନରେ ଅନ୍ୟ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ । ଫଳରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ସ୍କୁଲରେ ବିଜ୍ଞାନ ଓ ଗଣିତ ପଢା ଯାଉନାହିଁ। ଏଥିଯୋଗୁ ଛାତ୍ରୀଛାତ୍ର ପରୀକ୍ଷାରେ ଠିକ୍ ଭାବେ ଲେଖି ପାରୁନାହାନ୍ତି । ତେଣୁ ଏଠାରୁ ଡ଼େପୁଟେଶନରେ ପଠାଯାଇଥିବା ଶିକ୍ଷକଙ୍କୁ ତୁରନ୍ତ ଫେରାଇ ଅଣାଯାଉ ଓ ଅନ୍ୟ ୨ ଶିକ୍ଷକ ନିଯୁକ୍ତି ଦିଆଯାଉ ବୋଲି ପରିଚାଳନା କମିଟି ପକ୍ଷରୁ ଦାବି କରାଯାଇଛି । ନଚେତ୍ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପକାଇବା ସହ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କମିଟି ଚେତାବନୀ ଦେଇଛି । ଦାବିପତ୍ର ପ୍ରଦାନ ସମୟରେ ସୋମନାଥ ଖୋଡ଼ିଆ, ସଦା ମାଝି,ଶିବରାମ ନାୟକ, ଦୈତାରୀ ଖୋଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଗନ୍ନାଥ ମନ୍ଦିର ଯଜ୍ଞସ୍ଥଳୀକୁ ଜାଳିଦେଲେ ଦୁର୍ବୃତ୍ତ

ରାୟଗଡା ଅଫିସ୍, ୫।୧୦

ରାୟଗଡା ସହରସ୍ଥିତ ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଶୁକ୍ରବାର ଘଟିଛି ଅଭାବନୀୟ ଘଟଣା। ଦୁର୍ବୃତ୍ତମାନେ ସ୍ୱଷ୍ଟ ଦିବାଲୋକରେ ଏଠାକାର ଯଜ୍ଞସ୍ଥଳିକୁ ଜାଳି ଦେଇଛନ୍ତି । ଫଳରେ ଯଜ୍ଞସ୍ଥଳି ପୋଡି ଛାରଖାର ହୋଇଯାଇଛି । ଏହି ଘଟଣାକୁ ନେଇ ହଜାର ହଜାର ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତେବେ କିଏ ଓ କେଉଁ କାରଣରୁ ଯଜ୍ଞସ୍ଥଳିକୁ ପୋଡିଲା ତାହା ଜଣାପଡିନାହିଁ। ଏନେଇ ପୋଲିସ ନିକଟରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ ।

ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଛଣ ଛପରରେ ନିର୍ମିତ ଯଜ୍ଞସ୍ଥଳିରେ ଘଟିଥିଲା ଅଗ୍ନିକାଣ୍ଡ । ନିଆଁ ଲାଗି ଛାରଖାର ହୋଇଯାଇଥିଲା ସ୍ଥାନଟି । ହେଲେ ଏ ସମ୍ପର୍କରେ କେହି ମଧ ଦମକଳ ବାହିନୀକୁ ସୂଚନା ଦେଇ ନ ଥିଲେ । ଏମିତି କି ନିଆଁ ଲିଭାଇବା ପାଇଁ ଉଦ୍ୟମ କରି ନ ଥିଲେ । ତେବେ କିଛି ସଚେତନ ବ୍ୟକ୍ତି ବିଳମ୍ବରେ ପାଣି ପକାଇଥିଲେ । ହେଲେ ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇଯାଇଥିଲା । ତହସିଲଦାର ଠିକ୍ ଭାବେ ନିଜ ଦାୟିତ୍ୱ ତୁଲାଉ ନ ଥିବାରୁ ଏହିଭଳି ଘଟିଥିବା ସାଧାରଣରେ ଅଭିଯୋଗ ହୋଇଛି । ଅନ୍ୟପଟେ ଏକ ଜଳନ୍ତା ଦୀପକୁ କାଉ ଆଣି ଥୋଇଦେବାରୁ ଯଜ୍ଞସ୍ଥଳି ପୋଡିଯାଇଥିବା ଆଲୋଚନା ହେଉଛି । ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ କାରଣ ଜଣାପଡ଼ିବ । ପୂର୍ବରୁ ମନ୍ଦିର ହୁଣ୍ଡିରୁ ଚୋରି ହେବା ସହ ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା ହୋଇଥିବା ନଜିର ରହିଛି ।

### ୯ରେ ଗୁଡ଼ାରିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଗୁଣପୁର,୫।୧୦(ଡି.ଏନ.ଏ):

ଆସନ୍ତା ୮ ତାରିଖରେ ରାୟଗଡା ଜିଲା ଗୁଡାରି ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଥିଲା । କିନ୍ତୁ ସେଥିରେ ପରିବର୍ତ୍ତନ ହୋଇଛି । ୮ ତାରିଖରେ ମହାଳୟା ଅମାବାସ୍ୟା ପାଇଁ ଛୁଟି ରହୁଥିବାରୁ ୯ ତାରିଖରେ ଏହି ଶୁଣାଣି କରାଯିବାକୁ ଧାର୍ଯ୍ୟ ହୋଇଛି । ପରିବର୍ତ୍ତନ କାର୍ଯ୍ୟକ୍ରମ ଅନୁସାରେ ସମସ୍ତ ଅଧିକାରୀଙ୍କୁ ମଙ୍ଗଳବାର ଅଭିଯୋଗ ଶୁଣାଣିରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜନସାଧାରଣ ତଥା ଅଭିଯୋଗକାରୀଙ୍କୁ ମଧ ସେହି ଅନୁସାରେ ଅଭିଯୋଗ ପ୍ରଦାନ କରିବାକୁ ନିବେଦନ କରାଯାଇଛି ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଟିକିରି,୫।୧୦(ଡି.ଏନ୍.ଏ.)

ରାୟଗଡା ଜିଲା କାଶିପୁର ବ୍ଲକ ଦୋରାଗୁଡାରେ ଉତ୍କଳ ଆଲୁମିନା ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଫଲାନାଳି ଖଣି ଅଞ୍ଚଳର ଅଣ୍ଡିରାକଞ୍ଚ, ମାଲିକଞ୍ଚ, ନୂଆଗାଁ, ଲୁଣ୍ଠୁକଣା, ପାଇକକୁପାଖାଲ, ଚନ୍ଦ୍ରଗିରି, ଯୋଗୀଦାରିଡୁଣ୍ଡା ଅଞ୍ଚଳରେ ସ୍ୱଚ୍ଛତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ଛାତ୍ରୀଛାତ୍ର ସ୍ୱୟଂ ସହାୟକ ଦଳ ଏକ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଉତ୍କଳ ଆଲୁମିନା ସିଏସ୍‌ଆର ଅଧିକାରୀ ସୁଶାନ୍ତ ଧଳ, ସୁଧୀର ନାୟକ, ପୀତାମ୍ବର ପଣ୍ଡା, ନିରୁପମା ବାରିକଙ୍କ ସମେତ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍ୱୟଂସହାୟକ ଗୋଷ୍ଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି ।

■ ମୁକୁନା ହତ୍ୟା ଘଟଣାର ପର୍ଦ୍ଦାଫାଶ, ୩ ଗିରଫ

# ଗୁଣିଗାରେଡି ସନ୍ଦେହରୁ କରିଥିଲେ ହତ୍ୟା

ରାୟଗଡା ଅଫିସ୍, ୫।୧୦

ଗତ ୨୯ତାରିଖରେ ରାୟଗଡା ଥାନା ଅନ୍ତର୍ଗତ ରାଇକଣା ଗ୍ରାମ ରାସ୍ତାରେ ଘଟିଥିଲା ଜଘନ୍ୟ ହତ୍ୟାକାଣ୍ଡ । ଡୁମାପାଇ ଗ୍ରାମର ମୁକୁନା ମାଣ୍ଡାଙ୍ଗୀ(୪୫)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ଘଟଣାର ଶୁକ୍ରବାର ପର୍ଦ୍ଦାଫାଶ କରିଛି ରାୟଗଡା ପୋଲିସ । ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସମାନେ ହେଲେ ରାୟଗଡା ବ୍ଲକ୍ ଗୁମ୍ମା ଗ୍ରାମ ପଞ୍ଚାୟତ ରାଇକଣା ଗ୍ରାମର ବୁଲୁ ଜାକାକା, ନାରିଆ ଜାକାକା ଓ ବାରିକ ଜାକାକା । ଗୁଣିଗାରେଡ଼ି ସନ୍ଦେହରୁ ଏହି ହତ୍ୟାକାଣ୍ଡ ହୋଇଥିବା ଜଣାଯାଇଛି ।



ଗିରଫ ୩ ଅଭିଯୁକ୍ତ ।

୨୮ତାରିଖ ସନ୍ଧ୍ୟାରେ ମୁକୁନା ରାଇକଣା ଗ୍ରାମକୁ ଯାଇଥିଲେ । ହେଲେ ରାତିରେ ସେ ଘରକୁ ଫେରି ନ ଥିଲେ। ୨୯ ତାରିଖ ସକାଳେ ରାଇକଣା ମୁଖ୍ୟରାସ୍ତାରେ ତାଙ୍କର କ୍ଷତବିକ୍ଷତ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭଡ୍ରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଶଙ୍କର ପଣ୍ଡା ଓ ଅନ୍ୟ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ମୁକୁନାଙ୍କ ବାମହାତ ଭାଙ୍ଗି ଯାଇଥିବା ବେଳେ ଛାତି ଓ ଅନ୍ୟାନ୍ୟ ସ୍ଥାନରେ ଆକ୍ରମଣର ଚିହ୍ନ ଥିବା ପୋଲିସ ଦେଖିବାକୁ ପାଇଥିଲା । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା । ଏନେଇ ମୃତ ମୁକୁନାଙ୍କ ସାନପୁଅ ଦାସୁ ରାୟଗଡା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୩୩/୧୮) ରୁଜୁ କରି ତଦନ୍ତ ଚଳାଇଥିଲା । ମୁକୁନାଙ୍କ ବଡପୁଅ ଅର୍ଜୁନ ମାଣ୍ଡାଙ୍ଗୀ କେରଳରେ ରହୁଥିଲେ। ବାପାଙ୍କ ମୃତ୍ୟୁ ଖବରପାଇ ସେ ଗ୍ରାମରେ ପହଞ୍ଚିବା ପରେ ବାପାଙ୍କୁ ହତ୍ୟା କରାଯାଇଥିବା ନେଇ ପୁନର୍ବାର ଥାନାରେ ଏତଲା ଦେଇଥିଲେ। ପରେ ପୋଲିସ ବୁଲୁ, ନାରିଆ, ବାରିକଙ୍କୁ ଡାକି ପଚରା ଉଚୁରା କରିଥିଲା । ଗୁଣିଗାରେଡ଼ି ସନ୍ଦେହରେ ମୁକୁନାଙ୍କୁ ବୁଲୁ ହତ୍ୟା କରିଥିବା ଏବଂ ଅନ୍ୟ ୨ଜଣ ସହଯୋଗ କରିଥିବା ପୋଲିସ ସମ୍ମୁଖରେ ପ୍ରକାଶ କରିଥିଲେ । ବୁଲୁ କହିଥିଲେ ଯେ, ତାଙ୍କ ସ୍ତ୍ରୀଙ୍କର ୨ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲା। ମୁକୁନା ଗୁଣି କରିଥିବାରୁ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ନେଇ ଆଉ ଜଣେ ଗୁଣିଆ ତାଙ୍କୁ କହିଥିଲେ। ଏହାକୁ କେନ୍ଦ୍ରକରି ସେ କ୍ରୋଧରେ ଥିଲେ। ଗତ ୨୮ତାରିଖରେ ରାଇକଣା ଗ୍ରାମକୁ ମୁକୁନା ଆସିଥିବା ଦେଖି ସେ ମୁକୁନାଙ୍କୁ ଡାକି ଆଣିବାକୁ ଅନ୍ୟ ଦୁଇ ଜଣଙ୍କୁ କହିଥିଲେ । ମୁକୁନା ରାଇକଣା ରାସ୍ତାକୁ ଆସିବାରୁ ସେ ଏକ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିବା ବୁଲୁ ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି । ପୂର୍ବରୁ ଉକ୍ତ ଅଞ୍ଚଳର ଦାଣ୍ଡୁ ମିଣିଆକା, ନଙ୍ଗାରୀ ମିଣିଆକା, ସନା ମିଣିଆକାଙ୍କୁ ମୁକୁନା ଗୁଣିକରିମାରିଦେଇଛନ୍ତିବୋଲିସେକହିଛନ୍ତି।

■ ଅନ୍‌ଲାଇନ ତ୍ରୁଟିରୁ ନିଅଣ୍ଟ ହେଲା ଚାଉଳ

# ବହୁ ହିତାଧିକାରୀ ଚାଉଳ ନ ପାଇ ନିରାଶ

କଳ୍ପତରୁ ମହାନ୍ତି
ବୈପାରୀଗୁଡ଼ା,୫।୧୦

ସରକାରୀ ସ୍ତରରେ ତ୍ରୁଟି ଯୋଗୁଁ ବୈପାରୀଗୁଡ଼ା ବ୍ଲକର ପ୍ରାୟ ୮ ଶହରୁ ୧ ହଜାର ହିତାଧିକାରୀ ଗତ ଅଗଷ୍ଟ ଓ ସେପ୍ଟେମ୍ବର ରାସନ କାର୍ଡ ଚାଉଳରୁ ବଞ୍ଚିତ ହୋଇଛନ୍ତି। ଗତ ମାସରେ ଏକକାଳୀନ ଉପରୋକ୍ତ ଦୁଇଟି ମାସର ଚାଉଳ ହିତାଧିକାରୀଙ୍କୁ ଦିଆଯାଇଥିଲା । ତେବେ ୪୨୩ କୁଇଣ୍ଟାଲ ଚାଉଳ ନିଅଣ୍ଟ ପଡିବାରୁ ବହୁ ହିତାଧିକାରୀ ଚାଉଳ ପାଇ ପାରିନାହାନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି, ହିତାଧିକାରୀ ଚାଉଳ ନେବାବେଳେ ଏ ସଂପର୍କିତ ତଥ୍ୟ ବାୟୋମେଟ୍ରିକ ମେସିନରେ ଏଣ୍ଟ୍ରି ହୋଇଥାଏ । ତେବେ ଦୁର୍ଗମ ଇଲାକାରେ ନେଟ୍ ସୁବିଧା ନ ଥିବାରୁ ଅଫ୍ ଲାଇନ୍ ମୋଡ୍‌ରେ ଏଣ୍ଟ୍ରି କରାଯାଇଥାଏ। ଏଥିରେ ଯାହା ଭୁଲ୍ ଭଟକା ଥାଏ, ପ୍ରତିମାସ ୨୫ ତାରିଖରେ ଯୋଗାଣ ନିରୀକ୍ଷକଙ୍କ ଦ୍ୱାରା ସଂଶୋଧନ କରାଯାଇ ଅନଲାଇନ୍‌ରେ ଅପଡେଟ୍ କରାଯାଇଥାଏ। ଗତ ଜୁଲାଇରେ ସେତେବେଳେ କୁନ୍ଦୁରା ବ୍ଲକ ଯୋଗାଣ ନିରୀକ୍ଷକ ବିଶ୍ୱଜିତ୍ ଦାସ ବୈପାରୀଗୁଡା ବ୍ଲକର ଅତିରିକ୍ତ ଦାୟିତ୍ୱରେ ଥିଲେ । ସେ ଛୁଟିରେ ଥିବାରୁ ୨୫ ତାରିଖରେ ମେସିନ୍‌ରେ ଅଟୋମେଟିକ ଅପଡେଟ୍ ହୋଇଥିଲା । ଏହି ତ୍ରୁଟି କିନ୍ତୁ ପରେ ସଂଶୋଧିତ ହୋଇପାରିଲା ନାହିଁ।

**ପ୍ରଶାସନର ସଫେଇ**

■ ଭୁଲ୍ କ୍ରମେ ୪୨୩ କୁଇଣ୍ଟାଲ ବଳକା ଥିବା ଦର୍ଶାଯାଇଥିଲା

■ ବାୟୋମେଟ୍ରିକ ମେଶିନରେ ଅଟୋମେଟିକ ଅପଡେଟ୍ ହୋଇଥିଲା

୪୨୩ କୁଇଣ୍ଟାଲ ଚାଉଳ ବଳକା ଷ୍ଟକ ଥିବା ଭୁଲ ତଥ୍ୟ ଯାଇଥିଲା । ଯେଉଁଥିପାଇଁ ଅଗଷ୍ଟ ସେପ୍ଟେମ୍ବର କୋଟାରୁ ସେତିକି ପରିମାଣ ଚାଉଳ କଟାଯାଇ ଆସିଥିଲା । ଏବେ ଚାଉଳ ନ ପାଇ ଲୋକେ ପ୍ରଶାସନକୁ ଘେରିଥିବା ବେଳେ ଏ ସଂପର୍କରେ ରିପୋର୍ଟ ଉପର ମହଲକୁ ଯାଇଛି ଏବଂ ଚାଉଳ ଆସିଲେ ସେମାନଙ୍କୁ ଦିଆଯିବ ବୋଲି ପ୍ରଶାସନ କହୁଛି । କିନ୍ତୁ ଚାଉଳ କେବେ ଆସିବ କି ନାହିଁ ସେ ସଂପର୍କରେ ପ୍ରଶାସନ ପାଖରେ କୌଣସି ଉତ୍ତର ନାହିଁ । ଏ ସଂପର୍କରେ ଏଠାରେ ନୂଆରେ ଯୋଗ ଦେଇଥିବା ଯୋଗାଣ ନିରୀକ୍ଷକ ମମତା ବେହେରାଙ୍କୁ ପଚାରିବାରୁ ଏହା ତାଙ୍କ ସମୟରେ ହୋଇନାହିଁ ବୋଲି କହିବା ସହ ଏ ସଂପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କୁ ବିଡିଓ ଅବଗତ କରିଥିବା ସେ କହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ କୁନ୍ଦୁରା ବ୍ଲକରେ ମଧ୍ୟ ୧ ଶହ କୁଇଣ୍ଟାଲ ଚାଉଳ ନିଅଣ୍ଟିଆ ଥିଲା । କିନ୍ତୁ ପରେ ସେହି ଚାଉଳ ଫେରିପାଇଥିବା ବେଳେ ବୈପାରୀଗୁଡା ବ୍ଲକରେ ସ୍ଥିତି ରହସ୍ୟଜନକ ରହିଛି।

■ ଜାତୀୟ ରାଜପଥ ପୁନର୍ନିର୍ମାଣ ପ୍ରସଙ୍ଗ

# ଟେଣ୍ଡର ସରିଛି, ଚୁକ୍ତିନାମାରେ ଅଟକିଛି

ଜୟପୁର,୫।୧୦(ଡି.ଏନ୍.ଏ.)

ଜୟପୁର ସହର ଦେଇ ଯାଇଥିବା ବିଜୟନଗର-ବରଗଡ଼ ୨୬ ନମ୍ବର ଜାତୀୟ ରାଜପଥ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ରାଜପଥର ବାରିଣୀପୁଟରୁ ସଦରଥାନା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ନକହିବା ଭଲ। ସହରର ଗାନ୍ଧି ଛକରୁ କାଳିଆ ପେଟ୍ରୋଲ ପମ୍ପ ଛକ ପର୍ଯ୍ୟନ୍ତ ସାଢେ ୨ କିଲୋମିଟର ରାସ୍ତା ପାଇଁ ୩କୋଟି ୫୦ ଲକ୍ଷ ଟଙ୍କା ଟେଣ୍ଡର କରାଯାଇଛି । ସ୍ଥାନୀୟ ଠିକାଦାର ଏହି କାର୍ଯ୍ୟ ପାଇବା ସହ ବିଭାଗ ସହ ଚୁକ୍ତିନାମା କରିଛନ୍ତି। କିନ୍ତୁ ଅନିଶ୍ଚିତତା ଭିତରେ ରହିଛି ନିର୍ମାଣ କାର୍ଯ୍ୟ।

ଗୁରୁବାର ନୂତନ ଭାବେ ନିର୍ମାଣ ହେବାକୁ ଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଆବଶ୍ୟକ ରହିଥିବା ଜବର ଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ସୂଚନା ଦେଇଛି। ସହର ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥ ଖାଲଖମାରେ ଭରି ରହିଛି। ବର୍ଷା ହେଲେ ପାଣିରେ ଭରି ରହୁଛି ଏବଂ ଖରା ହେଲେ ଭୀଷଣ ଧୂଳି ଉଡୁଛି। ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟିବା ଯୋଗୁଁ ଧନଜୀବନ ନଷ୍ଟ ହେଉଛି । ଜୟପୁର ସଚେତନ ଯୁବକ ଓ ନାଗରିକମାନେ ସେମିଳିଗୁଡ଼ାରୁ ବୋରିଗୁମ୍ମା ପର୍ଯ୍ୟନ୍ତ ଜାତୀୟ ରାଜପଥର ପୁନଃ ନିର୍ମାଣ ପାଇଁ ଗତ ସପ୍ତାହରେ ଧାରଣା ଦିଆଯାଇଥିଲା। କିନ୍ତୁ ଜୟପୁର ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନସ୍ଥ ବାରିଣିପୁଟରୁ ବୋରିଗୁମ୍ମା ଯାଏଁ କେବଳ ତାଳିପକା ମରାମତି ହୋଇଛି। ଗତବର୍ଷ ବର୍ଷାଦିନରେ ହୋଇଥିବା ମରାମତିରୁ ପିଚୁ ଓ ଗୋଡ଼ି ଉଠିଯାଇ ପୁଣି ଖାଲଖମା ହେଲାଣି। ନିର୍ବାହୀଯନ୍ତ୍ରୀ ହରେକୃଷ୍ଣ ପଣ୍ଡା କହିଛନ୍ତି, ଠିକାଦାରଙ୍କୁ ତୁରନ୍ତ ଚୁକ୍ତି କରି ନିର୍ମାଣ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟ ରାସ୍ତାର ମରାମତି କରାଯାଉଛି। ଏହିପରି ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ ପାଇଁ ଅଟକଳ କରାଯାଇ ରିପୋର୍ଟ ସରକାରଙ୍କ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ୫ ବର୍ଷ ତଳେ ଡ୍ରେନ ଓ ରାସ୍ତା କାର୍ଯ୍ୟ ହୋଇଥିବା ବେଳେ ଏହା ନିମ୍ନମାନର ଓ ସେଥିରେ ବୈଷୟିକ ତ୍ରୁଟି ଥିବା ଅଭିଯୋଗ ହୋଇଥିଲା। ଠିକାଦାରଙ୍କ ବିଲ୍ ପୈଠ ବନ୍ଦ କରିଥିଲା ବିଭାଗ। କିନ୍ତୁ ଏହି ନିର୍ମାଣ କାର୍ଯ୍ୟ କରିଥିବା ଠିକାଦାର ରାଜନୈତିକ ଚାପ ପକାଇ ବିଲ୍ ଟଙ୍କା ଉଠାଇ ନେଇଥିଲେ।

# ୨୫ରୁ ସହରରେ ପଲିଥିନ, ପ୍ଲାଷ୍ଟିକ ବନ୍ଦ

କୋରାପୁଟ,୫।୧୦(ସ୍ୱ.ପ୍ର.)

ଚଳିତ ମାସ ୨୫ ତାରିଖରୁ କୋରାପୁଟ ସହରରେ ପଲିଥିନ ଓ ପ୍ଲାଷ୍ଟିକ ବନ୍ଦ ପାଇଁ ଗୁରୁବାର ସହରର ସମସ୍ତ ବ୍ୟବସାୟୀଙ୍କୁ ସଚେତନ କରାଯାଇଛି । କୋରାପୁଟ ବନଖଣ୍ଡ ଅଧିକାରୀ ଅଶ୍ୱିନୀ କୁମାର କରଙ୍କ ନେତୃତ୍ୱରେ ସ୍ଥାନୀୟ ଟାଉନ ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ, କୋରାପୁଟ ରେଞ୍ଜର ସୁବାସ ଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତିଙ୍କ ସମେତ ବହୁ ଅଧିକାରୀ କୋରାପୁଟ ସହରରେ ଏକ ସଚେତନତା ଶୋଭାଯାତ୍ରା କରିବା ସହିତ ବିଭିନ୍ନ ଦୋକାନ ବୁଲି ପଲିଥିନ ଓ ପ୍ଲାଷ୍ଟିକର କୁପ୍ରଭାବ ଉପରେ ବ୍ୟବସାୟୀଙ୍କୁ ସଚେତନ କରିଥିଲେ। ପଲିଥିନ ବଦଳରେ କଟନ କିମ୍ବା କାଗଜ ବ୍ୟାଗ ଧରି ବଜାରକୁ ଆସିବାକୁ ଖାଉଟିଙ୍କୁ ପରାମର୍ଶ ଦିଆଯାଇଛି। ଏହାର ଖିଲାପ କଲେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟାଉନ ଥାନା ଅଧିକାରୀ କହିଛନ୍ତି।



ପ୍ଲାଷ୍ଟିକ ବର୍ଜନ ପାଇଁ କୋରାପୁଟ ସହରର ବିଭିନ୍ନ ଦୋକାନରେ ସଚେତନତା କରାଯାଉଛି ।

# ୮ ଖଣ୍ଡ ଗାଁରେ ରାସ୍ତା ଯନ୍ତ୍ରଣା

ଅରବିନ୍ଦ ନାୟକ
ଦଶମନ୍ତପୁର, ୫।୧୦

■ ଜନପ୍ରତିନିଧିଙ୍କ ପ୍ରତିଶ୍ରୁତି ପାଣିର ଗାର

■ ଆଗାମୀ ନିର୍ବାଚନ ବର୍ଜନ ଚେତାବନୀ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅର୍ନ୍ତଗତ ପାଇକୋ ଫୁଲବେଡ଼ା ଅଧୀନ ୮ ଖଣ୍ଡ ଗ୍ରାମରେ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଏସବୁ ଅଞ୍ଚଳରେ ପକ୍କା ରାସ୍ତା ଦେଖିବା ସ୍ୱପ୍ନ । ଯେଉଁଠି କଚା ରାସ୍ତା ଅଛି ସେଗୁଡ଼ିକର ଅବସ୍ଥା ମଧ୍ୟ ସାଂଘାତିକ। ରାସ୍ତା ମରାମତି ଏବଂ ପକ୍କା ରାସ୍ତା ନିର୍ମାଣ ପାଇଁ

ବାସିନ୍ଦା ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ଆଗାମୀ ନିର୍ବାଚନରେ ମତଦାନରୁ ବିରତି ରହିବେ ବୋଲି ବାସିନ୍ଦା ଚେତାବନୀ ଦେଇଛନ୍ତି। ଚାକିଲି, ଏକ୍‌ଟାଗୁଡ଼ା,କୁମୁଣ୍ଡା ଗୁଡ଼ା, ମାଳିତିଗୁଡ଼ା, ଦଇପଦର, ମାଲାଡ଼, ମାଳିଗୁଡ଼ା ଗ୍ରାମରେ ରାସ୍ତା ଅବସ୍ଥା ଶୋଚନୀୟ। ଏସବୁ ଅଞ୍ଚଳରେ ଜରୁରିକାଳୀନ ସମୟରେ ଗାଡ଼ି ଚଳପ୍ରଚଳ କାଠିକର ପାଠ ହୋଇ ପଡୁଛି। ୮ ଖଣ୍ଡ ଗାଁରେ ପାନୀୟଜଳ, ଗମନାଗମନ , ସ୍ୱାସ୍ଥ୍ୟ ଭଳି ମୌଳିକ



ମାଟି ରାସ୍ତାରେ ସାଇକେଲ ଗଡାଇ ଯାଉଛନ୍ତି ଜଣେ ଛାତ୍ର ।

ସୁବିଧାରୁ ବଞ୍ଚିତ ହେଉଥିବା ବାସିନ୍ଦା ମଙ୍ଗଳା ଗୌଡ, ଅର୍ଜୁନ, ଅନନ୍ତ ମୁଦୁଲି ପ୍ରମୁଖ କହିଛନ୍ତି। ଗୁରୁତର ରୋଗୀ ଏବଂ ଗର୍ଭବତୀଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଆସିବା ସମ୍ଭବ ନୁହେଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିପାଇଁ ଅଧିକାଂଶ ସମୟରେ ରୋଗୀ କିମ୍ବା ଗର୍ଭବତୀ ଖଟିଆରେ ବୁହାହେଉଥିବା ଖବର ଖବରକାଗଜରେ ପ୍ରକାଶିତ ହେଉଛି। ହେଲେ ସମସ୍ୟା ସମାଧାନ କରିବ ନିମନ୍ତେ ଜନପ୍ରତିନିଧି ଏବଂ ସ୍ଥାନୀୟ ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର ବୋଲି ବାସିନ୍ଦା ଅଭିଯୋଗ କରିଛନ୍ତି।



ସୁଇଚ୍ ଟିପି ବିଧାୟକ ବିଦ୍ୟୁତ୍ ସଂଯୋଗର ଶୁଭାରମ୍ଭ କରୁଛନ୍ତି ।

# ଆଲୁଅ ଦେଖିଲେ ଝିଲିମିଲି ଗ୍ରାମବାସୀ

ଜୟପୁର,୫।୧୦(ନି.ପ୍ର.)

ଗାଁ ନାଁ ଝିଲିମିଲି ସତ ; କିନ୍ତୁ ସ୍ୱାଧୀନତାର ୭୦ ବର୍ଷ ଯାଏଁ ଏଠିକାର ବାସିନ୍ଦା ଅନ୍ଧାରରେ ହିଁ ରହିଆସିଥିଲେ। ଏହା କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ବରଂ ଜୟପୁର ସହରଠାରୁ ମାତ୍ର କିଛି ଦୂରରେ ରହିଛି ଧନପୁର ପଞ୍ଚାୟତ ଅଧୀନରେ ଥିବା ଏହି ଗାଁ। ଏଠିକାର ଲୋକେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ । କିନ୍ତୁ ବହୁବର୍ଷ ପରେ ସେମାନଙ୍କ ସ୍ୱପ୍ନ ସତ ହୋଇଛି। ବିଜୁଳି ଆଲୁଅ ଦେଖିଛନ୍ତି ଝିଲିମିଲି ଗ୍ରାମବାସୀ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଲୋକଙ୍କ ସମସ୍ୟା ଦେଖି ରାଜୀବ ଗାନ୍ଧୀ ବିଦ୍ୟୁତିକରଣ ଯୋଜନାରେ ଗୋଟିଏ ୨୫ କେଭି ଡିଟିଆର ଓ ଗ୍ରାମର ୭୧ଟି ବିପିଏଲ ପରିବାରଙ୍କୁ ସାମିଲ କରାଯାଇଥିଲା। ବିଦ୍ୟୁତ ସଂଯୋଗକୁ ପ୍ରଥମେ ବିଧାୟକ ବାହିନୀପତି ଉଦ୍‌ଘାଟନ କରି ପ୍ରତ୍ୟେକ ପରିବାରକୁ ଏଲଇଡି ବଲବ ବଣ୍ଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ରମେଶ ରାଓ, ରଘୁନାଥ ସାହୁ ଉପସ୍ଥିତ ଥିଲେ ।

# କୃଷି କଲ୍ୟାଣ ଅଭିଯାନର ଶୁଭାରମ୍ଭ

କୋରାପୁଟ,୫।୧୦(ସ୍ୱ.ପ୍ର.)

କୋରାପୁଟ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ କୃଷି କଲ୍ୟାଣ ଅଭିଯାନର ଶୁଭାରମ୍ଭ ହୋଇଛି। ବୈଜ୍ଞାନିକ ଜ୍ୟୋତ୍ସ୍ନାରାଣୀ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି କୋରାପୁଟ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଶଙ୍କର୍ଷଣ ରାଉତ। ଡିସେମ୍ବର ୨୫ ଯାଏ ଚାଲିବାକୁ ଥିବା ଏହି ଅଭିଯାନ ଜିଲାର ୨୫ଟି ଗ୍ରାମରେ କାର୍ଯ୍ୟକାରୀ ହେବ। ଏଥିରେ ପ୍ରଧାନମନ୍ତ୍ରୀ ଫସଲ ଯୋଜନା, ପଶୁ ସଂପଦ ବିକାଶ ନେଇ ବିଭିନ୍ନ କାର୍ଯ୍ୟକ୍ରମ, ଉଦ୍ୟାନ କୃଷିର ବିକାଶ, ଜଳସେଚନ, ମିନି ବିହନ କିଟ୍ ପ୍ରଦାନ, ଗାଈଙ୍କ କୃତ୍ରିମ ପ୍ରଜନନ, ଫଳଚାରା ତିଆରି, କୃଷକଙ୍କୁ ତାଲିମ, ନୂତନ ବୈଜ୍ଞାନିକ କୌଶଳରେ କୃଷି କାର୍ଯ୍ୟ ସମ୍ପର୍କରେ କୃଷକଙ୍କୁ ସଚେତନ କରାଯିବ । କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅରବିନ୍ଦ ସେଠୀ, ନୀଳାଚଳ ମିଶ୍ର, ଡମ୍ବରୁଧର ଜାନି, ରାଜପୁଟ ସରପଞ୍ଚ ଲିଲି ଅନ୍ତାଗିରିଆ, ସମିତି ସଭ୍ୟ ଭାନୁମତୀ ଖିଲ, ସତ୍ୟବ୍ରତ ରଥ ଆଧୁନିକ ପ୍ରଣାଳୀରେ କୃଷି କାର୍ଯ୍ୟ ପାଇଁ ପରାମର୍ଶ ଦେଇଥିଲେ। ବିଜ୍ଞାନ କେନ୍ଦ୍ରର ଡ. ମାନସ ରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୦ ହଜାର ଦସ୍ତଖତ ସଂଗ୍ରହ କରିବ ଭାଜପା

ଜୟପୁର,୫।୧୦(ଡି.ଏନ୍.ଏ./ନି.ପ୍ର.)

**ଆୟୁଷ୍ମାନ ଯୋଜନା**

କୋରାପୁଟ ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ରାଜ୍ୟ ସରକାର ରାଜନୈତିକ ଅଭିସନ୍ଧି ରଖି ଲାଗୁ କରୁ ନଥିବାରୁ ଏହାକୁ ବିରୋଧ କରିଛି ଜିଲା ଭାଜପା। ଏଥିପାଇଁ ଜୟପୁର ନିର୍ବାଚନ ମଣ୍ଡଳୀରେ ୧୦ ହଜାର ସାଧାରଣ ଲୋକଙ୍କ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି । ଏହି ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କୁ ଦିଆଯିବ। ଏହି ଯୋଜନାକୁ ତୁରନ୍ତ ରାଜ୍ୟରେ ଲାଗୁ କରିବା ସହ ସାଧାରଣ ଲୋକଙ୍କୁ ଭାରତର ଯେ କୌଣସି ଚିକିତ୍ସାଳୟରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧାର ଲାଭ ଉଠାଇବାକୁ ଦିଆଯାଉ ବୋଲି ଭାଜପା ଦାବି କରିଛି। ଜୟପୁର ନିର୍ବାଚନ ମଣ୍ଡଳୀ ଅଧୀନ ସଦର ଓ ବୋରିଗୁମ୍ମା ବ୍ଲକର ବିଭିନ୍ନ ପଞ୍ଚାୟତରେ ଭାଜପା ପକ୍ଷରୁ ସଚେତନତା ରଥ ମାଧ୍ୟମରେ ଅବଗତ କରାଯାଇ ଦସ୍ତଖତ ସଂଗ୍ରହ କରାଯାଇଥିଲା । ଏଥିରେ ଭାଜପାର ଦେବେନ୍ଦ୍ର ବାହିନୀପତି, ଅମରଲାଲ ଆହୁଜା, ଅକ୍ଷୟ ସାହୁ, ବୈଦ୍ୟନାଥ ମିଶ୍ର, ବିଜୟ ଜେନା ଦେଓ, ସାଧୁ ଦାଶଚୌଧୁରୀ, ବିଷ୍ଣୁ ପ୍ରସାଦ ରେଡ୍ଡୀ, ସହଦେବ ଦୁର୍ଗା, କବିତା ନାଗ, ସୁରଭି ପାଣି, ତବରେଜ ବେଗ, ଗୌର ଦାସ, ଶିବ ସାହୁ ଉପସ୍ଥିତ ଥିଲେ।

# ୫ ପଞ୍ଚାୟତର ପିଲାଙ୍କୁ ରାଜଧାନୀ ପଠାଇଲା ନାଲ୍‌କୋ

ପଟ୍ଟାଙ୍ଗି,୫।୧୦(ଡି.ଏନ୍.ଏ.)

ନାଲକୋ ଫାଉଣ୍ଡେସନ ଆବାସିକ ଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ମାଗଣାରେ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ପାଇଁ ଭୁବନେଶ୍ୱର ସ୍ଥିତ କିସ୍ ପରିଭ୍ରମଣରେ ନେଇଛି। ଗୁରୁବାର କୁନ୍ଦୁଲି ସାପ୍ତାହିକ ହାଟରୁ ଦୁଇଟି ସରକାରୀ ବସ୍ ଯୋଗେ ପଟ୍ଟାଙ୍ଗି ବ୍ଲକର ମାଳିପୁଟ, ନୂଆଗାଁ, କୋଟିଆ ଏବଂ ସେମିଳିଗୁଡ଼ା ବ୍ଲକର ଖୁଡି, ସୋରିଷପଦର ପଞ୍ଚାୟତର ୧୧ ଖଣ୍ଡ ପାରିପାର୍ଶ୍ୱିକ ଗ୍ରାମରୁ ୪୧ ଜଣ ପିଲା ଏଥିରେ ସାମିଲ ଅଛନ୍ତି। ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ୧୩୭ ଜଣ ଆଦିବାସୀ ପିଲା ଉଚ୍ଚଶିକ୍ଷା ପାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି ବୋଲି ନାଲକୋ ଖଣି ଓ ବିଶୋଧନାଗାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ ମହାନ୍ତି ଓ ମୁଖ୍ୟ ପ୍ରବନ୍ଧକ ପ୍ରଶାସନ ରାଜୀବ ମିଶ୍ର କହିଛନ୍ତି। ସେତୁବନ୍ଧ ସୁରକ୍ଷା ସମିତି ସଭାପତି ଭଗବାନ ଗୋଲରି ଓ ଦୋରା ମହାସଂଘ ଆବାହକ ତାଉଡୁ ଦୋରା କେବଳ ଆଦିବାସୀ ପିଲାଙ୍କୁ ଶିକ୍ଷାର ଉନ୍ନତି ପାଇଁ ଚିହ୍ନଟ କରିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି।

# ୨୫ ଖଣ୍ଡ ଗାଁରେ ବିକାଶ ଅପହଞ୍ଚ

ବାସୁଦେବ ବରାଡ଼
ସେମିଳିଗୁଡ଼ା,୫।୧୦

■ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ସମସ୍ୟା ଉତ୍କଟ

■ ସହଯୋଗ ନାଁରେ ଅନୁପ୍ରବେଶ କରୁଛି ଆନ୍ଧ୍ର

■ ସମସ୍ୟା ସମାଧାନ ନ ହେଲେ ଭୋଟ୍ ବର୍ଜନ କରିବେ ଅଞ୍ଚଳବାସୀ

କୋରାପୁଟ ଜିଲା ଆନ୍ଧ୍ର ସୀମାନ୍ତ ୨୫ ଖଣ୍ଡ ଗାଁ ବିକାଶ ମାନଚିତ୍ରରେ ନ ଥିବା ପରି ମନେହେଉଛି। ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ଏବଂ ପାନୀୟଜଳ ସମସ୍ୟା ଏ ଅଞ୍ଚଳରେ ଉତ୍କଟ। ପରିସ୍ଥିତିର ଫାଇଦା ନେଇ ଆନ୍ଧ୍ର ଏସବୁ ଅଞ୍ଚଳରେ ଅନୁପ୍ରବେଶ ଜାରି ରଖିଛି। ନନ୍ଦପୁର ବ୍ଲକ୍ ନନ୍ଦିକା ଗ୍ରାମପଞ୍ଚାୟତ ଏବଂ ଖିନବର ପଞ୍ଚାୟତରେ ଶିକ୍ଷା ଏବଂ ରାସ୍ତା, ସ୍ୱାସ୍ଥ୍ୟ ସେବା କାଗଜକଲମରେ ଚାଲିଛି।

ନନ୍ଦିକା ସେବାଶ୍ରମ ପାଚେରି ନାହିଁ। ଦୁଇତାଲା ଛାତ୍ରୀ ନିବାସରେ ପାଣି ଗଳୁଛି। ସେହିପରି ନନ୍ଦିକା ଗ୍ରାମରେ ନ୍ୟୁ ପିଏଚ୍‌ସି ପାଇଁ ନିର୍ମାଣ ହୋଇଥିବା ଗୃହ ଅଧ ପନ୍ତରିଆ ହୋଇରହିଛି। ହେଲେ ଦାୟିତ୍ୱରେ ଥିବା ଠିକାସଂସ୍ଥା କାମ ସମ୍ପୂର୍ଣ୍ଣ ନ କରି ବିଲ୍ କରି ଅଟକଳ ରାଶି ମାରି ନେଇଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ ଗ୍ରାମ ଏବଂ ୨ଟି ଗ୍ରାମପଞ୍ଚାୟତ ନିର୍ଭରଶୀଳ। ହେଲେ ଏହା ସମ୍ପୂର୍ଣ୍ଣ ନ ହେବାରୁ ଏବେ ସ୍ଥାନୀୟ ବାସିନ୍ଦା ଆନ୍ଧ୍ରପ୍ରଦେଶର ଶୋଆ ଗ୍ରାମପଞ୍ଚାୟତର ଦେଓଗୁଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଫଳରେ ଆନ୍ଧ୍ର ସରକାର କୋଟିଆ ଭଳି ଏଠାରେ ମଧ୍ୟ ଧୀରେ ଧୀରେ ଅନୁପ୍ରବେଶ କରିବାରେ



ବାତ୍ୟାରେ ଭାଙ୍ଗିପଡିଥିବା ଗୃହ ।

ଲାଗିଛି। ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଏବଂ ମୋବାଇଲ ସ୍ୱାସ୍ଥ୍ୟ ଗାଡ଼ି ଏ ଅଞ୍ଚଳ ମାଡୁନାହିଁ। ପୂର୍ବତନ ସରପଞ୍ଚ ବାଇଧର ଶିଶା ଏ ନେଇ ଅଭିଯୋଗ କରିଛନ୍ତି। ସେହିପରି ଘାଟିଗୁଡ଼ା ସ୍କୁଲ ଗତ ହୁଡ୍‌ହୁଡ୍ ପ୍ରଭାବରେ ଭାଙ୍ଗିଯାଇଥିଲେ ମଧ୍ୟ ତାହାର ପୁନଃ ଉଦ୍ଧାର କରାଯାଉ ନାହିଁ। କିନ୍ତୁ ଶିକ୍ଷକମାନେ ନାଏବ ସରପଞ୍ଚଙ୍କୁ ହାତେଇ ମାସର ଶେଷ ସମୟରେ ଦରଖାସ୍ତ ଦେଇ ଦରମା ନେଇଯାଉଛନ୍ତି। ସେମାନେ କିଛି ଟଙ୍କା ହାତଗୁଞ୍ଜା ଦେଉଥିବା ଅଭିଯୋଗ ହୋଇଛି। ଏହିପରି ୭ ଖଣ୍ଡ ଗ୍ରାମର ସ୍କୁଲଗୁଡ଼ିକରେ ଶିକ୍ଷକ ରହୁ ନ ଥିବା ଗ୍ରାମ ମୁଖିଆମାନେ ଅଭିଯୋଗ କରିଛନ୍ତି। ଘାଟଗୁଡ଼ା, ଡ଼େକାଆମ୍ବ, ପଣସପୁଟ, ଖିନବର, ମଞ୍ଚାଗୁଡ଼ା, ଭାଲୁଗୁଡ଼ା, କରଜା, ଡକରିପଦର, ରାଙ୍ଗଣୀଗୁଡ଼ା,ଦୋରାଗୁଡ଼ା, ଚିନ୍ତଲଗୁଡ଼ା, ଡୁମୁରିଗୁଡ଼ା, ବିଜାପୁଟ, ଇରୁକୁ ଜିଲା, ଜଲିପାଡ଼ ପରି ୨୫ ଖଣ୍ଡ ଗ୍ରାମ ଅବହେଳିତ ହୋଇ ରହିଛି। ଏହି ଗ୍ରାମରେ ୮୦ ଜଣ ଛାତ୍ରୀଛାତ୍ର ଆନ୍ଧ୍ର ପ୍ରଦେଶର ସୋହା ପଞ୍ଚାୟତ ଉପରେ ନିର୍ଭରଶୀଳ ହୋଇ ପାଠ ପଢ଼ିବାକୁ ଯାଉଛନ୍ତି। ଏଭଳି ଦୁର୍ଗମ ଅଞ୍ଚଳକୁ ଶିକ୍ଷକ ଯାଉ ନାହାନ୍ତି। ରାସ୍ତାର ଗୋଟିଏ ପାର୍ଶ୍ୱ ଓଡ଼ିଶା ଓ ଅନ୍ୟ ପାର୍ଶ୍ୱ ଆନ୍ଧ୍ରର। ଆନ୍ଧ୍ର ଉପରେ ନିର୍ଭରଶୀଳ ଏଠାକାର ଲୋକେ। ବନ୍ୟା, ବାତ୍ୟା ପରି ବିପତ୍ତି ସମୟରେ ସହାୟତା ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ହେଲେ ଆନ୍ଧ୍ର ସରକାର ଅନୁପ୍ରବେଶ ଆଳରେ ଏଠାରେ ସହାୟତା ଯୋଗାଇ ଦେଉଛି। ଖିନବର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅନେକ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରକୁ କେହି କାର୍ଯ୍ୟ କରିବାକୁ ଆସୁ ନାହାନ୍ତି। ପିଲାଙ୍କୁ ଖାଦ୍ୟ ଦିଆଯାଉନାହିଁ। ଏପ୍ରିଲ ମାସରେ ୨୦୧୩-୧୪ରେ ଓଟିଏଲପି ୨ ଲକ୍ଷ ୨୦ ହଜାର ଟଙ୍କା କାର୍ଯ୍ୟ କରାଇ ଥିଲେ। କିନ୍ତୁ ସେହି ଅର୍ଥ ପାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମିଥ୍ୟା ବିଲ୍ କରି ଏହି ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଦୀର୍ଘ ୧୦ ବର୍ଷ ହେଲା ଅଙ୍ଗନୱାଡ଼ି କର୍ମୀଙ୍କୁ ଦେଖି ନ ଥିବା ଗ୍ରାମବାସୀ କହିଛନ୍ତି। ଜଲିପାଡ଼, ପଲ୍ଲିକଣ୍ଡା ଅଞ୍ଚଳକୁ ଏବଂ ଜିରାଙ୍କକୁ ରାସ୍ତା ନାହିଁ। ସ୍ଥାନୀୟ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ



ଅବହେଳିତ ଅବସ୍ଥାରେ ରହିଥିବା ଅଞ୍ଚଳବାସିନ୍ଦା ।

ନଥିବା ଅଭିଯୋଗ ହୋଇଛି। ପୁଲିକଣ୍ଡା, ଜିରାକରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଛି। ଶିକ୍ଷକମାନେ ନିୟମିତ ବିଦ୍ୟାଳୟକୁ ଆସୁ ନଥିବା ଏସ୍‌ଏସ୍‌ଏମ୍‌ଏଲ୍‌ଇ ଦାରୁ ବଡ଼ନାୟକ କହିଛନ୍ତି। ଆନ୍ଧ୍ର ପ୍ରଦେଶର ସୋହା ଗ୍ରା.ପ.ରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଛି। ଓଡ଼ିଶାର ୨୫-୨୬ ଖଣ୍ଡ ଗ୍ରାମରେ ଆବାସ ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରାଯାଇ ନାହିଁ। ଉପଯୁକ୍ତ ହିତାଧିକାରୀଙ୍କୁ ପେନ୍‌ସନ କିମ୍ବା ମୋ କୁଡିଆ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ନନ୍ଦିକା ଗ୍ରାମ ପଞ୍ଚାୟତରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପି.ଏସ୍ ରୋଡ଼ଠାରୁ କୋନ ୩ କି.ମି ୧୦୦ ମିଟର ରାସ୍ତା ନିର୍ମାଣ ହୋଇନି। ୬ଟି ବ୍ରିଜ୍ ମଧ୍ୟ କରାଯାଇନି। ଓଲେଇ ଗ୍ରାମ ନିକଟରେ ୧୦୦ ମିଟରର ଏକ ବିଜ୍ ନିର୍ମାଣ ହେବ କଥା, କିନ୍ତୁ ତାହା ହୋଇନାହିଁ। କରଞ୍ଜଗୁଡ଼ା ଘାଟି ରାସ୍ତା ହୋଇନାହିଁ କି କରଞ୍ଜଗୁଡ଼ା ଗ୍ରାମ ମଧ୍ୟରେ ଯାଇଥିବା ରାସ୍ତା ମଧ୍ୟ ସିସି ରୋଡ କରାଯାଇ ନାହିଁ। ଏହି ରୋଡ଼ର ଅର୍ଥ ବିଲ୍ କରି ଠିକାସଂସ୍ଥା ବାଟମାରଣା କରିଦେଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କ ସମୟରେ ସେହି ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିବା ଗ୍ରାମବାସୀ କହିଛନ୍ତି । ପୂର୍ବତନ ସରପଞ୍ଚ ରେଲି ସିସା ସ୍ଥାନୀୟ ଲୋକଙ୍କ ଅବସ୍ଥା ଦୟନୀୟ ଥିବା କହିଛନ୍ତି। କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଏଠାକୁ କାହିଁକି ଆସୁଛ ବୋଲି ଡାକ୍ତରମାନେ ପଚାରୁଥିବା ମୋହନ ଖିଲ, ପୂର୍ବତନ ସରପଞ୍ଚ ବାଇଧର ଶିଶା ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ମତାମତ ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

